



# ଶିବ ବିବାହ ପାଇଁ ଉତ୍ସବ ମୁଖର ଏକାମ୍ରକ୍ଷେତ୍ର

ଭୁବନେଶ୍ୱର, ୧୬।୬(ସମିସ)

ଶ୍ରୀଲିଙ୍ଗରାଜଙ୍କ ବିବାହ ପାଇଁ ଉତ୍ସବ ମୁଖର ହୋଇପଡ଼ିଛି ଏକାମ୍ରକ୍ଷେତ୍ର। ବୁଧବାର ମଙ୍ଗନ ପର୍ବ ଅନୁଷ୍ଠିତ ହେଉଥିବା ବେଳେ ଗୁରୁବାର ଗିରିଜା ନନ୍ଦିନୀ ପାର୍ବତୀଙ୍କ ସହିତ ବିବାହ ପର୍ବ ଅନୁଷ୍ଠିତ ହେବ।

- ଆଜି ମଙ୍ଗନ କାଲି ଲିଙ୍ଗରାଜଙ୍କ ବାହାଘର
- ଘଣ୍ଟ ବାଦ୍ୟରେ ନଗର ପରିକ୍ରମା କରିବେ ଦେବ ଦମ୍ପତି



ଏଥିପାଇଁ ଲିଙ୍ଗରାଜ ମନ୍ଦିର ସମେତ କେଦାର ଗୌରୀ ମନ୍ଦିରକୁ ରଙ୍ଗ କରାଯାଇ ସୁସଜ୍ଜିତ ଭାବରେ ସାଜସଜା କରାଯାଇଛି। ଲିଙ୍ଗରାଜଙ୍କ ବିବାହ ପାଇଁ ବୁଧବାର ସନ୍ଧ୍ୟା ଧୂପ ପରେ ଖେଚୁଡ଼ି ଭୋଗ ହୋଇ ଅଷ୍ଟଚଣ୍ଡୀ ମୋହିନୀ, ରାମାୟଣୀ, କପାଳୀ, ଉତ୍ତରେଶ୍ୱରୀ, ଗୌରୀ, ଅମ୍ବିକେ, ଦ୍ୱାରବାସିନୀ, ବିନ୍ଧ୍ୟବାସିନୀଙ୍କୁ ନିମନ୍ତ୍ରଣ କରିବା ପାଇଁ ଘଣ୍ଟ, କାହାଳୀ, ମାଶାଲ ଧରି ଲିଙ୍ଗରାଜଙ୍କ ସେବାୟତମାନେ ଖେଚୁଡ଼ି ଭୋଗ ସର୍ମପଣ କରି ଦିଅଁଙ୍କ ବିବାହ ପାଇଁ ନିମନ୍ତ୍ରଣ କରି ଆସିଥାନ୍ତି ବୋଲି ସଚିକାନ୍ତ ପୂଜାପଣ୍ଡା କହିଛନ୍ତି।

ଏହିପରି ଗୁରୁବାର ବିବାହ ସରିବା ପରେ ଶୁକ୍ରବାର କଦାରଗୌରୀ ମନ୍ଦିରରୁ ନବଦମ୍ପତିଙ୍କୁ ଶୋଭାଯାତ୍ରାରେ ନିଆଯାଇ ଗୋସାଗରେଶ୍ୱର ଛକ ନିକଟ ଶୀତଳଷଷ୍ଠୀ ରୋଡ୍, ତିନି ମୁଣ୍ଡିଆ ଛକ, ବଡ଼େଇବାଙ୍କ ଛକ, ମହାଖେଳା ଛକ ମଧ ଦେଇ ନଗର ପରିକ୍ରମା କରିବେ। ଏଥିପାଇଁ ଭୁବନେଶ୍ୱର ଶିତଳଷଷ୍ଠୀ କମିଟି ପକ୍ଷରୁ କେଦାର ଗୌରୀ ଗୁଆଝର ଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସମ୍ମିଳନୀରେ ବିଧାୟକ ବାବୁ ସିଂ, କମିଟିର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ସତ ମିଶ୍ର, ଫାଇନା ସମ୍ପାଦକ ବ୍ରାହ୍ମଣ ନିଯୋଗ ସଭାପତି ନାରାୟଣ ମହାପାତ୍ର, ବ୍ରାହ୍ମଣ ନିଯୋଗ ସମ୍ପାଦକ ହେମାଦ୍ରୀ ମହାପାତ୍ର କହିଥିଲେ ଯେ ଚଳିତ ବର୍ଷ ବିଭିନ୍ନ ପ୍ରଦେଶରୁ ନୃତ୍ୟ ଦଳ ଆସି ନୃତ୍ୟ ପରିବେଷଣ କରିବେ। ଏଥିସହ ବିଭିନ୍ନ ଘଣ୍ଟ ବାଦ୍ୟ, ସମ୍ବଲପୁରୀ, ପଶୁମୁଖା, ଆଦିବାସୀ ଢ଼େମସା ନୃତ୍ୟ, ଘୁମୁରା, ଶବର ଶବରୁଣୀ, ଡାକା ନୃତ୍ୟ, ରଣପା, ଦୁଲଦୁଲି, ମେଢ଼ ନାଚ, ଘୋଡ଼ା ନାଚ, ପୁରୁଲିଆ ଛଉ, ଦେବାଦେବୀ ବେଶ, ବନାଟି, ଶୋଭାଯାତ୍ରା କରାଯିବ ବୋଲି କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଛି ଓ ବିଭିନ୍ନ ମନ୍ତ୍ରୀ ବିଧାୟକ, ମେୟର, କର୍ପୋରେଟର ଯୋଗଦେବେ କାର୍ଯ୍ୟକ୍ରମ ରହିଛି।

# ରେଳବାଇ ଚାକିରି ନାଁରେ ଠକେଇ, ଦମ୍ପତି ଜେଲ୍ ଗଲେ

ଭୁବନେଶ୍ୱର, ୧୬।୬(ସମିସ): ରେଳବାଇରେ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଚାକିରି ଦେବା ନାଁରେ ଲୋକଙ୍କୁ ଠକୁଥିଲେ। ୨୦ ଲକ୍ଷ ଟଙ୍କା ଠକେଇ କରିଥିଲେ। ଏନେଇ ନୃସିଂହ ଚରଣ ସାହୁ ଅଭିଯୋଗର ମାମଲା ରୁଜୁ କରି ତଦନ୍ତ କରିବା ପରେ ପୁଲିସ୍ ଅଭିଯୁକ୍ତ ଦମ୍ପତି ବିଦ୍ୟାଧର ଦାଶ ଓ ସୁମତି ଦାଶଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

ଅଭିଯୋଗକାରୀ ସଚିବାଳୟରେ କ୍ୟାଣ୍ଟିନ ମ୍ୟାନେଜର ଭାବେ କାମ କରନ୍ତି। ୟୁନିଟ୍-୧ ମାର୍କେଟ୍‌ରେ ଥିବା ମୋ ସୁବର୍ଣ୍ଣ ଟିର ମାଲିକ ଅଭିଯୁକ୍ତ ବିଦ୍ୟାଧର ସହ ତାଙ୍କର ବ୍ୟବସାୟିକ ପରିଚୟ ଥିଲା। ଅଭିଯୋଗକାରୀ ନିଜ କ୍ୟାଣ୍ଟିନ ପାଇଁ ନିୟମିତ ଭାବେ ଉକ୍ତ ଦୋକାନରୁ ଚା ପତ୍ର କିଣୁଥିବାରୁ ଉଭୟଙ୍କ ମଧରେ ପରିଚୟ ସ୍ଥାପିତ ହୋଇଥିଲା। ଏହି ସମୟରେ ଅଭିଯୁକ୍ତ ବିଦ୍ୟାଧର ଦାଶ ତାଙ୍କ ଝିଅ ସୁମତି ଦାଶ ରେଳବାଇରେ ଚାକିରି ପାଇଥିବା କଥା କହିବା ସହ ଅନ୍ୟମାନଙ୍କ ପାଇଁ ମଧ ରେଳବାଇରେ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଭିଯୋଗକାରୀ ଏହି ପ୍ରତିଶ୍ରୁତିକୁ ବିଶ୍ୱାସ କରି ନିଜର ଜଣେ ସମ୍ପର୍କୀୟଙ୍କ ପାଇଁ ଚାକିରି କରାଇବା ଉଦ୍ଦେଶ୍ୟରେ ଅଭିଯୁକ୍ତଙ୍କ ସହ ଯୋଗାଯୋଗ କରିଥିଲେ। ଅଭିଯୁକ୍ତମାନେ ଚାକିରି କରାଇଦେବା ପାଇଁ ୨୦ ଲକ୍ଷ ଟଙ୍କା ଦାବି କରିଥିଲେ। ସେମାନଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରୀ ବିଭିନ୍ନ ପର୍ଯ୍ୟାୟରେ ମୋଟ ୧୭ ଲକ୍ଷ ଟଙ୍କା ମୋ ସୁବର୍ଣ୍ଣଟି ସହ ସମ୍ପୃକ୍ତ ବ୍ୟାଙ୍କ ଖାତାକୁ ପ୍ରଦାନ କରିଥିଲେ। ଯେଉଁ ଖାତାରେ ସୁମତି ଦାଶ ମଧ ଲାଭାନ୍ୱିତ ଥିଲେ। ମାତ୍ର ଦୀର୍ଘ ସମୟ ଧରି ବାରମ୍ବାର ଆଶ୍ୱାସନ ଦେବା ସତ୍ତ୍ୱେ ଅଭିଯୁକ୍ତମାନେ କୌଣସି ଚାକିରି କରାଇ ନ ଥିଲେ କିମ୍ବା ଟଙ୍କା ଫେରସ୍ତ କରିନଥିଲେ। ଅଭିଯୋଗକାରୀ ଟଙ୍କା ଫେରସ୍ତ ମାଗିବାରୁ ଅଭିଯୁକ୍ତମାନେ ଟଙ୍କା ନଦେବା ସହ ଧମକ ଦେଇଥିଲେ। ଏନେଇ ଅଭିଯୋଗ ପରେ କମିସନରେଟ୍ ପୋଲିସର କ୍ୟାପିଟାଲ ଥାନା ଠକ ଦମ୍ପତିଙ୍କୁ ଗିରଫ କରିଛି।

# ବୋଟ୍ ରେଲିଂରୁ ବିଦ୍ୟୁତ୍ ଲାଗି ପର୍ଯ୍ୟଟକ ମୃତ



ବନ୍ଧା ହେଲେ ରିସର୍ଟ ମ୍ୟାନେଜର

ଭୁବନେଶ୍ୱର, ୧୬।୬ (ସମିସ): ବୋଟ୍ ରେଲିଂରୁ ବିଦ୍ୟୁତ୍ ଲାଗି ପର୍ଯ୍ୟଟକ ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ ନେଇଛି ଚନ୍ଦକା ଥାନା ପୁଲିସ। କଲପେବଲ୍ ହୋମିସାଇଡ୍ ଦଫାରେ ମାମଲା ରୁଜୁ କରିବା ସହ ଚନ୍ଦକା ନେଚର୍ ରିସର୍ଟ ମ୍ୟାନେଜରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ପୁରୀ ଜିଲ୍ଲା ଚାରିଛକ ଥାନା ଅଞ୍ଚଳର ପବିତ୍ର କୁମାର ଦାଶ (୩୯)।

ପୁଲିସ ସୂଚନାନୁସାରେ, ଗତକାଲି ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀର ସୁବ୍ରତ କୁମାର ମେକାପ, ତାଙ୍କ ପରିବାର ସଦସ୍ୟ ଓ ସାଙ୍ଗମାନଙ୍କ ସହ ଚନ୍ଦକା ନେଚର ରିସର୍ଟକୁ ବୁଲିବା ପାଇଁ ଯାଇଥିଲେ। ସେଠାରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରେ ସେ ରିସର୍ଟ ପରିସରରେ ଥିବା ଜଳାଶୟରେ ବୋଟିଂ କରିଥିଲେ। ସନ୍ଧ୍ୟା ପ୍ରାୟ ୫ଟା ୩୦ ସମୟରେ ବୋଟିଂ ସାରି ବୋଟରୁ ଓହ୍ଲାଇଉଥିଲେ। ସେହି ସମୟରେ ଭାସମାନ ଡେକର ଲୁହା ରେଲିଂ ଧରିବା ବେଳକୁ ସୁବ୍ରତ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଳାଶୟ ଭିତରକୁ ଖସିପଡ଼ିଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ପ୍ରଥମେ ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ରିସର୍ଟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ସୁବ୍ରତଙ୍କର ମୃତ୍ୟୁ ଘଟିଥିବା ବଡ଼ଭାଇ ଦେବବ୍ରତ ମେକାପ ଚନ୍ଦକା ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା।

ବୋଟିଂ ସ୍ଥଳ ନିକଟରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା, ସତର୍କ ସୂଚନା ଫଳକ ଓ ଜରୁରୀକାଳୀନ ଉଦ୍ଧାର ବ୍ୟବସ୍ଥା ଉପଲବ୍ଧ ନଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଜଳକ୍ରୀଡ଼ା ସମୟରେ ପର୍ଯ୍ୟଟକଙ୍କୁ ମାର୍ଗଦର୍ଶନ କିମ୍ବା ଜରୁରୀ ସ୍ଥିତିରେ ସହାୟତା ପାଇଁ କୌଣସି ପ୍ରଶିକ୍ଷିତ କର୍ମଚାରୀ ମଧ ନିୟୋଜିତ ହୋଇନଥିଲେ। ରିସର୍ଟ କର୍ତ୍ତୃପକ୍ଷ ବିପଦ ସମ୍ପର୍କରେ ଅବଗତ ଥିବା ସତ୍ତ୍ୱେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିନଥିବା ତଦନ୍ତ ବେଳେ ସ୍ପଷ୍ଟ ହୋଇଥିଲା। ରିସର୍ଟର ମ୍ୟାନେଜର ଭାବେ ବୁକିଂ ଓ ପରିଚାଳନା ଦାୟିତ୍ୱରେ ଥିବା ମ୍ୟାନେଜରଙ୍କ ଅବହେଳା ଯୋଗୁଁ ସୁବ୍ରତଙ୍କ ମୃତ୍ୟୁ ଘଟିଥିବା ଜାଣିବା ପରେ ପବିତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

# କାର୍ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୩ କୁ ବଢ଼ିଲା

- କାଶ ହେବାରୁ ଭାରସାମ୍ୟ ହରାଇଥିଲେ ଡ୍ରାଇଭର୍
- ଆତ୍ମସମର୍ପଣ ପରେ ଗିରଫ

ଭୁବନେଶ୍ୱର, ୧୬।୬(ସମିସ): ଗାଡ଼କଣ ଆମ ବସ୍ ଡିପୋ ସାମ୍ନା ଏମ୍‌ସିଏଲ୍ ରାସ୍ତାରେ ଘଟିଥିବା ଭୟଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୩ରେ ପହଞ୍ଚିଛି। ସୋମବାର ୨ଜଣଙ୍କ ମୃତ୍ୟୁ ଘଟିଥିଲା ବେଳେ ମଙ୍ଗଳବାର ଆଉ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ନିୟୁ ଗଭର୍ଣ୍ଣମେଣ୍ଟ କଲୋନୀରେ ରହୁଥିବା ଲିଙ୍ଗରାଜ ଟପ୍ପୋ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଛି। ତେବେ କାର ଦୁର୍ଘଟଣା ପଛରେ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ପୁଲିସ କହିବା ଅନୁଯାୟୀ ଡ୍ରାଇଭରଙ୍କ କାଶ ହେଉଥିଲା। ସେ କଫ୍ ସିରପ ଖାଇଥିଲେ। ସେଥିପାଇଁ କାଶି କାଶି ସେ ନିୟନ୍ତ୍ରଣ ହରାଇଥିଲେ ଓ ୬ରୁ ଉର୍ଦ୍ଧ୍ୱ ଲୋକଙ୍କ ଉପରେ ଚଢ଼ାଇ ଦେଲେ।

ଘଟଣାରେ ସୋମବାର ଦୁଇ ଜଣଙ୍କ ପ୍ରାଣ ଯାଇଥିବା ବେଳେ ମଙ୍ଗଳବାର ଆଉ ଜଣଙ୍କ ମୃତ୍ୟୁ ହୋଇଛି। ଆଇଆଇଏସ ଅଧିକାରୀ ଲିଲି କୁମାରୀ କୁଲ୍ଲୁଙ୍କ ସ୍ୱାମୀ ଜୟରାମ ଏକ୍କା ଏବଂ ନିୟୁ ଗଭର୍ଣ୍ଣମେଣ୍ଟ କଲୋନୀରେ ଇଲେକ୍ଟ୍ରିସିଆନ ଭାବେ କାମ କରୁଥିବା ଢେଙ୍କାନାଳର ସନ୍ତୋଷ କୁମାର ବେହେରାଙ୍କ ଜୀବନ ଯାଇଥିଲା। ଦୁର୍ଘଟଣା ଘଟାଇଥିବା କାର୍ ଡ୍ରାଇଭର ଜଣକ ଫେରାର ହୋଇଯାଇଥିଲେ। ବିଳମ୍ବିତ ରାତିରେ ସେ ପୁଲିସ ନିକଟରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଗିରଫ କରାଯାଇଛି। ସେ ହେଲେ ମଞ୍ଚେଶ୍ୱର ଥାନା ରଙ୍ଗମାଟିଆରେ ରହୁଥିବା ଗଞ୍ଜାମର ଅନିଲ କୁମାର ଗୌଡ (୩୦)। ଏନେଇ ମୈତ୍ରୀ ବିହାର ଥାନା ପକ୍ଷରୁ ମାମଲା (ନଂ.୨୯୭/୨୦୨୬) ରୁଜୁ କରାଯାଇଛି। ଅଭିଯୁକ୍ତ ଅନିଲଙ୍କୁ କୋର୍ଟଚାଲାଣ କରାଯାଇଥିଲା। ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୁଲିସ କହିବା ଅନୁଯାୟୀ, ଅନିଲଙ୍କ ବ୍ରେଥ ଆନାଲାଇଜର୍ ଟେଷ୍ଟ କରାଯାଇଥିଲା। ଏହି ପରୀକ୍ଷାରୁ ସେ ମଦ୍ୟପାନ କରିନଥିବା ଜଣାପଡ଼ିଥିଲା। ତାଙ୍କର ୪ରୁ ୫ ଦିନ ହେବ ପ୍ରବଳ କାଶ ହେଉଥିଲା। ତେଣୁ ସେ କଫ ଔଷଧ ମଧ ସେବନ କରିଥିଲେ। ଦୁର୍ଘଟଣା ପୂର୍ବରୁ ତାଙ୍କର ପ୍ରବଳ କାସ ହୋଇଥିଲା। ଯାହା ଫଳରେ ନିୟନ୍ତ୍ରଣ ହରାଇ ଦୁର୍ଘଟଣା ଘଟାଇଥିଲେ ବୋଲି ସାମ୍ବାଦିକ ସମ୍ମିଳନୀରେ ଜୋନ-୫ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି। ମାଲିକଙ୍କୁ ଏୟାରପୋର୍ଟରେ ଛାଡ଼ି ଫେରିବା ବେଳେ ଘଟିଥିଲା ଦୁର୍ଘଟଣା। ଅଭିଯୁକ୍ତ ଅନିଲ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଆପାର୍ଟମେଣ୍ଟରେ ରହୁଥିବା ଜଣେ ବ୍ୟକ୍ତିଙ୍କ ପାଖରେ ଡ୍ରାଇଭର ଭାବେ କାମ କରନ୍ତି। ଗତକାଲି ସନ୍ଧ୍ୟାରେ ସେ ମାଲିକଙ୍କୁ ଏୟାରପୋର୍ଟରେ ଛାଡ଼ିଥିଲେ। ଫେରିବା ବେଳେ ଏହି ଭୟଙ୍କର ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ମୋଟ୍ ୬ ଜଣ ଗୁରୁତର ହୋଇଥିଲେ। ଅଟୋ ଚାଳକ ଶଙ୍କରଲାଲ ଶର୍ମାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି। ଅନ୍ୟ ଦୁଇ ଜଣ ସୁଲଗ୍ନା ଦେଓ ଓ ସୁବ୍ରତ ମିଶ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି।

# କାନଫୁଲ ଓ ଟଙ୍କା ମାଗିବାରୁ ପ୍ରେମିକାର ଫଟୋ ଭାଇରାଲ

- ଅଭିଯୁକ୍ତ ପ୍ରେମିକ ଗିରଫ; ମୋବାଇଲ ଜବତ
- ନିର୍ଯାତନା ସହିନପାରି ବ୍ରେକପ୍ କରିଥିଲେ ପ୍ରେମିକା

ଭୁବନେଶ୍ୱର, ୧୬।୬ (ସମିସ): ଦୁହେଁ ଦୁହିଁଙ୍କୁ ୩ ବର୍ଷ ହେଲା ଭଲ ପାଉଥିଲେ। ଏକାଠି ବୁଲାବୁଲି କରିବା ସହ ମିଶିକି ହୋଟେଲ ରୁମରେ ସମୟ ବିତାଉଥିଲେ। ଚତୁର ପ୍ରେମିକ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ସଂଗ୍ରହ କରି ନେଇଥିଲା। ଖାଲି ସେତିକି ନୁହେଁ, ପ୍ରେମିକା ଠାରୁ ସୁନା କାନଫୁଲ ଆଉ ଟଙ୍କା ନେଇ ଯାଇଥିଲା। ନିର୍ଯାତନା ଅସହ୍ୟ ହେବାରୁ ପ୍ରେମିକା ବ୍ରେକ୍‌ଅପ୍ କରି ଦେଇଥିଲେ। ବ୍ରେକ୍‌ଅପ୍ ପରେ କାନଫୁଲ ଓ ଟଙ୍କା ମାଗିବାରୁ ଫଟୋ ଭାଇରାଲ କରିଦେଲା ପ୍ରେମିକ। ଏଭଳି କାଣ୍ଡ ଭିଆଇଥିବା ପ୍ରେମିକକୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଧଉଳି ଥାନା ମୃତ୍ୟୁଞ୍ଜୟ ବିହାରର ଅମର୍ତ୍ତ୍ୟ କୁମାର ଜେନା ଓରଫ୍ ନିପୁନ୍ (୨୪)।

ପୁଲିସ ସୂଚନାନୁସାରେ, କେନ୍ଦୁଝର ଜିଲ୍ଲାର ଜଣେ ୨୧ ବର୍ଷୀୟା ଛାତ୍ରୀ ବଡ଼ଗଡ଼ ଥାନା ଅଞ୍ଚଳରେ ଥିବା ଏକ କଲେଜରେ ପଢୁଛନ୍ତି। ୨୦୨୩ ମସିହାରେ ନିପୁନ ଓ ଯୁବତୀଙ୍କର ପରିଚୟ ହେବାପରେ ଉଭୟଙ୍କ ମଧରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରବର୍ତ୍ତୀ ସମୟରେ ନିପୁନ ତାଙ୍କୁ ହୋଟେଲ ରୁମକୁ ନେଇ ଶାରୀରିକ ନିର୍ଯାତନା ଦେଉଥିଲା। ଏହାସହିତ ଯୁବତୀଙ୍କୁ ଅନେକ ସମୟରେ ମାନସିକ ନିର୍ଯାତନା ଦେଇ ଆସୁଥିଲା। ଏହାରି ଭିତରେ ବିଭିନ୍ନ ଅସୁବିଧା ଆଳ ଦେଖାଇ ଯୁବତୀଙ୍କ ଠାରୁ ଟଙ୍କା ନେଇଥିଲା। କେବଳ ଟଙ୍କା ନୁହେଁ, ଯୁବତୀଙ୍କ ସୁନା କାନଫୁଲ ମଧ ନେଇ ଯାଇଥିଲା। ସେପଟେ ନିର୍ଯାତନା ବଢ଼ିବାରୁ ଯୁବତୀ ଜଣକ ଅଣନିଃଶ୍ୱାସୀ ହୋଇ ଯାଇଥିଲେ। ଶେଷରେ ୩ ବର୍ଷର ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ନିଷ୍ପତ୍ତି ନେଇଥିଲେ।

ନିପୁନ ସହ ବ୍ରେକ୍‌ଅପ୍ କରିବା ସହ ସୁନା କାନଫୁଲ ଓ ଟଙ୍କା ଫେରସ୍ତ ମାଗିଥିଲେ। ଏତିକିରେ ନିପୁନର ରାଗି ଯାଇଥିଲା। ଗହଣା ଓ ଟଙ୍କା ଫେରାଇବା ପରିବର୍ତ୍ତେ ଯୁବତୀଙ୍କୁ ଧମକ ଦେଇଥିଲା। ପରେ ଯୁବତୀଙ୍କ ବାପା ଓ ଭାଇଙ୍କୁ ଫଟୋ ସେୟାର କରି ଦେଇଥିଲା। ଯୁବତୀ ଜଣକ ଜାଣିବା ପରେ ନିପୁନକୁ ପଚାରିଥିଲେ। ନିପୁନ ନିଜ ଭୁଲ୍ ସ୍ୱୀକାର କରିବା ପରିବର୍ତ୍ତେ ଯୁବତୀ ଓ ତାଙ୍କ ପରିବାରକୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ଏନେଇ ଯୁବତୀ ଜଣକ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ଯୁବତୀଙ୍କ ଅଭିଯୋଗ ଆଧାରରେ ସାଇବର ଥାନା ପୁଲିସ ଜିରୋ ଏଫ୍‌ଆଇଆର୍ ରୁଜୁ କରି ବଡ଼ଗଡ଼ ଥାନାକୁ ପଠାଇଥିଲା। ଜିରୋ ଏଫ୍‌ଆଇଆର୍ ପାଇବା ପରେ ବଡ଼ଗଡ଼ ଥାନା ପୁଲିସ ମାମଲା ରୁଜୁ କରିଥିଲା। ମଙ୍ଗଳବାର ନିପୁନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ପୂର୍ବଶତ୍ରୁତାରୁ କାଠ ଫାଳିଆରେ ଆକ୍ରମଣ; ଜଣେ ଗିରଫ



ଭୁବନେଶ୍ୱର, ୧୬।୬ (ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଘାଟିକିଆରଦୀପ୍ତିରଞ୍ଜନମହାପାତ୍ରଓରଫ୍‌ରବି(୩୩)।

ପୁଲିସ ସୂଚନାନୁସାରେ, ଟୁଟୁ ସେଠୀ ଓ ପତ୍ନୀ ଶଶୀ ସେଠୀ ମହାଲକ୍ଷ୍ମୀ ବିହାରସ୍ଥିତ ସକଳେଶ୍ୱର ବସ୍ତିରେ ରହୁଥିବା ବେଳେ କୁଣ୍ଡୁ ପରିବାର ସହ ତାଙ୍କର ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଗତ ରବିବାର ସନ୍ଧ୍ୟାରେ କୁଣ୍ଡୁ ପରିବାରର ୪ଜଣ ଓ ତାଙ୍କ ଜ୍ୱାଇଁ ରବି ଶଶୀଙ୍କ ଘରକୁ ଆସି ଝଗଡ଼ା ଆରମ୍ଭ କରିଥିଲେ। ରବି ଓ ଅନ୍ୟମାନେ ମିଶି ଶଶୀଙ୍କ ସ୍ୱାମୀ ଟୁଟୁଙ୍କୁ ହତ୍ୟା ଉଦ୍ଦେଶ୍ୟରେ କାଠ ଫାଳିଆ ବାରମ୍ବାର ଆକ୍ରମଣ କରିଥିଲେ। ଫଳରେ ଟୁଟୁଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଆହତ ଟୁଟୁଙ୍କୁ ତୁରନ୍ତ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା। ଶଶୀ ଏନେଇ ଭରତପୁର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ରବିକୁ ଗିରଫ କରିବା ସହ କାଠ ଫାଳିଆ ଜବତ କରିଥିଲା।

# ଗୋଡ଼ାଇ ଗୋଡ଼ାଇ ହାଣିଲେ; ଦୁଇ ଆହତ

ଯାଁଳା, ୧୬।୬(ସମିସ): ଇନଫୋଭାଲି ଥାନା ୧୬ ନମ୍ବର ଜାତୀୟ ରାଜପଥରେ ଦୁଇ ଜଣ ବ୍ୟକ୍ତିଙ୍କୁ କିଛି ଦୁର୍ବୃତ୍ତ ଅଟକ ରଖି ଆକ୍ରମଣ କରିଛନ୍ତି। ଆକ୍ରମଣରେ ଆହତ ଦୁଇ ଜଣ ହେଲେ କଟକ ଜିଲା ବାଙ୍କୀ ଥାନା ତାଳବସ୍ତର ବିପିନ ମଲ୍ଲିକ ଓ ଟୁନା ମଲ୍ଲିକ। ଆକ୍ରମଣର କାରଣ ସ୍ପଷ୍ଟ ହୋଇନଥିଲେ ମଧ ପାରିବାରିକ ବିବାଦରୁ ଏଭଳି ହୋଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ବିପିନ ଓ ଟୁନା ଏକ ସ୍କୁଟି ଯୋଗେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଅନ୍ୟ ଏକ ମୋଟରସାଇକଲରେ ୩ ଜଣ ଦୁର୍ବୃତ୍ତ ବିପିନ ଓ ଟୁନାକୁ ପିଛା କରି ଆସିଥିଲେ। ଯାଁଳା ଫାଣ୍ଡି ନିକଟରେ ସେମାନଙ୍କ ଅଟକାଇଥିଲେ।ହଠାତ ଏକ ଖଣ୍ଡା, ଛୁରୀରେ ବିପିନ ଓ ଟୁନାକୁ ହାଣି ପକାଇଥିଲେ। ଫଳରେ ବିପିନଙ୍କ କାନ୍ଧ ଓ ପିଠିରେ ଦୁଇଟି ଚୋଟ ବାଜିଥିବା ବେଳେ ଟୁନାଙ୍କ ଦେହରେ ଗୋଟିଏ ଚୋଟ ବାଡି ଖଣ୍ଡାଟି ଖସି ଯାଇଥିଲା।ଫଳରେ ଟୁନା ଓ ବିପିନି ଗାଡିରୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକ ହୋହାଲ୍ଲା କରି ଘଟଣା ସ୍ଥଳକୁ ଦୌଡ଼ି ଆସିବା ଫଳରେ ଦୁର୍ବୃତ୍ତ ମାନେ ବିପିନି ଓ ଟୁନାଙ୍କ ସ୍କୁଟି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ।

# ଏମ୍ସ ଡାକ୍ତରାଣୀଙ୍କ ଝୁଲନ୍ତା ମୃତଦେହ ଠାବ

ଭୁବନେଶ୍ୱର, ୧୬।୬ (ସମିସ): ଏମ୍ସ ଡାକ୍ତରାଣୀଙ୍କ ଝୁଲନ୍ତା ମୃତଦେହ ଠାବ ହୋଇଛି। ମୃତକ ହେଉଛନ୍ତି କର୍ଣ୍ଣାଟକର ଦିବ୍ୟା ଭି (୨୬)। ସେ ଜୁନିଅର ରେସିଡେଣ୍ଟ ଭାବେ କାମ କରୁଥିଲେ। ମିଳିଥିବା ସୂଚନା ଅନୁସାରେ, ଦିବ୍ୟା ଓ ତାଙ୍କ ପୁରୁଷ ବନ୍ଧୁ ଡୁମୁଡୁମା ଅଞ୍ଚଳରେ ଭଡ଼ାରେ ରହିବା ସହ ଏମ୍ସରେ ଜୁନିଅର ରେସିଡେଣ୍ଟ ଭାବେ କାମ କରୁଥିଲେ। ଦିବ୍ୟା ଅସୁସ୍ଥତା ଯୋଗୁଁ ମାନସିକ ଅବସାଦରେ ରହୁଥିଲେ। ମଙ୍ଗଳବାର ସକାଳେ ପୁରୁଷ ବନ୍ଧୁ ଡ୍ୟୁଟିକୁ ଯାଇଥିବା ବେଳେ ଦିବ୍ୟା ଏକାକୀ ଘରେ ଥିଲେ। ଦ୍ୱିପହର ସମୟରେ ପୁରୁଷ ବନ୍ଧୁ ଫେରିବା ବେଳକୁ ଦିବ୍ୟା କବାଟ ଖୋଲି ନଥିଲେ। ବାରମ୍ବାର ଡାକିବା ପରେ ମଧ କୌଣସି ଉତ୍ତର ନ ମିଳିବାରୁ ପୁରୁଷ ବନ୍ଧୁ କବାଟ ଭାଙ୍ଗି ଘରେ ପଶିଥିଲେ। ସେତେବେଳକୁ ଦିବ୍ୟା ବେକରେ ଓଢ଼ଣୀ ଲଗାଇ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସାଙ୍ଗେ ସାଙ୍ଗେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ଏମ୍ସରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପରିବାର ଲୋକେ କର୍ଣାଟକରୁ ଭୁବନେଶ୍ୱର ଆସି ଖଣ୍ଡଗିରି ଥାନାରେ ଏତଲା ଦେଇଛନ୍ତି। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ଦିବ୍ୟାଙ୍କ ମୃତଦେହ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଆସନ୍ତା କାଲି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

## ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ମାଳମାଳ ତ୍ରୁଟି ଘଟଣା

# ଅସନ୍ତୋଷ ନିଆଁରେ ଘିଅ ଢାଳିଲା 'ଛୋଟିଆ ଭୁଲ୍' ଟିପ୍ପଣୀ

ଭୁବନେଶ୍ୱର, ୧୬।୬(ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ମାଳମାଳ ତ୍ରୁଟି ଘଟଣା ପଦାକୁ ଆସିବା ପରେ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଭିଭାବକଙ୍କ ସମେତ ଭାଷାପ୍ରେମୀ ଓ ଶିକ୍ଷାବିତମାନେ ବିକୃତ ଓଡ଼ିଆ ଭଷାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି। ଏପରିସ୍ଥିତିରେ ମାଳମାଳ ତ୍ରୁଟିକୁ ଗଣଶିକ୍ଷା ବିଭାଗ 'ଛୋଟିଆ ଭୁଲ୍' କହିବା ନିଆଁରେ ଘିଅ ଢ଼ାଳିଲା ପରି ହୋଇଛି। ଓଡ଼ିଆ ଭାଷା କଦର୍ଥ ହେଉଥିବାବେଳେ ସରକାରଙ୍କ ନରମ ଆଭିମୁଖ୍ୟ ଓଡ଼ିଆ ଭାଷାକୁ ଅଧିକ ବିପଦଗ୍ରସ୍ତ କରିଥିବା ଅଭିଯୋଗ ହୋଇଛି। ସେହିପରି ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ବଦଳରେ ଏକ ପିଡିଏଫ୍ ଜାରି କରି ତ୍ରୁଟି ସୁଧାରି ପଢ଼ାଇବାକୁ କୁହାଯାଇଛି। ମାତ୍ର ସେହି ବହିରୁ ପିଲାମାନେ କିପରି ନିର୍ଭୁଲ ପଢ଼ିପାରିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାର ଏହାର ଉତ୍ତର ଦାୟିତ୍ୱ ନେବାସହ ପୁସ୍ତକ ପ୍ରସ୍ତୁତ କରିବା ଦାୟିତ୍ୱରେ ଥିବା ଶିକ୍ଷକ ଓ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।



ନୂତନ ପାଠ୍ୟ ପୁସ୍ତକରେ ତ୍ରୁଟି ସମ୍ପର୍କରେ ସରକାର ଅବଗତ ଅଛନ୍ତି। ଭୁଲଗୁଡ଼ିକୁ ସଂଶୋଧନ କରି ପିଲାଙ୍କୁ ପଢ଼ାଇବା ପାଇଁ ଶିକ୍ଷକମାନଙ୍କୁ କୁହାଯାଇଛି। ତ୍ରୁଟି ଥିବା ପୁସ୍ତକଗୁଡ଼ିକୁ ସଂଶୋଧନ କରାଯିବ।

- ନିତ୍ୟାନନ୍ଦ ଗଣ୍ଡ, ଗଣଶିକ୍ଷା ମନ୍ତ୍ରୀ



ଏହା କେବଳ ଶିକ୍ଷା ବିଭାଗର ଅପାରଗତା ବା ଅବହେଳାର ପ୍ରମାଣ ନୁହେଁ, ବରଂ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଦୁର୍ବଳ କରିବା ପାଇଁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। ଏହା କେବଳ ମୁଦ୍ରଣଜନିତ ତ୍ରୁଟି କୁହାଯାଇ ପାରିବ ନାହିଁ; ବରଂ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭବିଷ୍ୟତ ପ୍ରତି ଗୁରୁତର ଅବହେଳା। ସରକରୀ ଶିକ୍ଷାଠାରୁ ଅଭିଭାବକଙ୍କୁ ବିମୁଖ କରିବା ପାଇଁ ଏହା ଯୋଜନାବଦ୍ଧ ଷଡ୍‌ଯନ୍ତ୍ର। ତ୍ରୁଟି ପୂର୍ଣ୍ଣ ପୁସ୍ତକ ଛାପିବାରେ ରାଜକୋଷରୁ ଯେଉଁ କୋଟିକୋଟି ଟଙ୍କା ଖର୍ଚ୍ଚ ହୋଇଛି ତାହା ଦାୟିତ୍ୱରେ ଥିବା ଅଧିକାରୀଙ୍କ ନିକଟରୁ ଭରଣା କରିବା ସହ ସେମାନଙ୍କୁ ନିଲମ୍ବନ କରାଯାଉ।

- ସଂଘମିତ୍ରା ଜେନା, ରାଜ୍ୟ ସଭାନେତ୍ରୀ, ଏଆଇଏସ୍ଏଫ୍

'ଖଜୁରି ଗଛର କି ଗୁଣ ଗାଇବି ମୂଳରୁ ପାହଚ ପାହାଚ' ଲୋକବାଣୀଟି ସରକରଙ୍କ ପାଇଁ ସଠିକ୍ ସାବ୍ୟସ୍ତ ହୋଇଛି। ପ୍ରତି ପୃଷ୍ଠାରେ ଯଦି ବିକୃତ ଭାଷା ଉଲ୍ଲେଖ ରହିବ ଓ ପିଲାଙ୍କୁ ପ୍ରାଥମିତ ସ୍ତରରେ ପଢ଼ାଯିବ, ତାହାଲେ ସେମାନଙ୍କ ମନରେ ନକରାତ୍ମକ ଛବି ପ୍ରସ୍ତୁତ କରିବ। ଏହା ଏକ ଅକ୍ଷମଣୀୟ ଗର୍ହିତ ଅପରାଧ। ପୁସ୍ତକ ପ୍ରସ୍ତୁତକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।



ପ୍ରଧାନମନ୍ତ୍ରୀ ଓଡ଼ିଆ ଅସ୍ମିତା କଥା କହି ରାଜ୍ୟରେ କ୍ଷମତା ହାସଲ କରିଥିବାବେଳେ ରାଜ୍ୟ ସରକାର ଓଡ଼ିଆ ଭାଷାକୁ ପ୍ରତିଟି କ୍ଷେତ୍ରରେ ଅସମ୍ମାନିତ ଓ ବିକୃତ କରିବା ନିନ୍ଦନୀୟ।

- ପବିତ୍ର ମହାରଥା, ଓଡ଼ିଆ ଭାଷା ଆନ୍ଦୋଳନକାରୀ



ଏନସିଇଆରଟି ପୁସ୍ତକର ଓଡ଼ିଆ ଅନୁବାଦକୁ ଏକକାଳୀନ ସମସ୍ତ ଶ୍ରେଣୀରେ ଲାଗୁ କରିବା ଏକ ଅପରିପକ୍ୱ ନିଷ୍ପତ୍ତି। ଗୋଟିଏ ନୂତନ ପାଠ୍ୟକ୍ରମ ତଳ କ୍ଲାସରୁ ଆରମ୍ଭ କରିଥିଲେ ଉତ୍ତୀର୍ଣ୍ଣ ହେଉଥିବା ପିଲାମାନେ ସେହି ପାଠ୍ୟକ୍ରମ ସହ ଅଭ୍ୟସ୍ତ ହୋଇ ପଢ଼ିପାରିବେ। ମାତ୍ର ଉଚ୍ଚ ଶ୍ରେଣୀରେ ଗୋଟିଏ ଭିନ୍ନ ପାଠ୍ୟକ୍ରମକୁ ପିଲାଙ୍କ ଉପରେ ଲଦି ଦେବା ଭୁଲ ନିଷ୍ପତ୍ତି। ପୂର୍ବରୁ ସେହି ପାଠ୍ୟକ୍ରମ ସହ ଅଭ୍ୟସ୍ତ ନ ଥିବା ପିଲା ଉଚ୍ଚ ସ୍ତରର ବିଷୟଗୁଡ଼ିକୁ ବୁଝି ପାରିବ ନାହିଁ। ଅପରପକ୍ଷରେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ବାତିଲ ନ କଲେ ଗୋଟିଏ ଜେନେରେସନ୍‌ର ଛାତ୍ରଛାତ୍ରୀ ଅନ୍ଧତା ଭିତରକୁ ଠେଲି ହୋଇଯିବେ। ଅପରପକ୍ଷରେ ସରକାର ଏହାକୁ ଛୋଟିଆ ତ୍ରୁଟି କହିବା ଦ୍ୱାରା ସମସ୍ତଙ୍କ ବିଶ୍ୱାସ ତ୍ରୁଟି ଯାଇଛି।

- ରାଜେନ୍ଦ୍ର ବର୍ମା, ଆବାହକ, ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି, ଭୁବନେଶ୍ୱର

ସମସ୍ତ ପଢ଼ାବହି ଏଯାଏଁ ମିଳି ନଥିବାବେଳେ ସ୍କୁଲ୍ ଖୋଲିବା ପରେ ବହି ମିଳିପାରେ। ମାତ୍ର ମାଳମାଳ ତ୍ରୁଟି ଖବର ଅଧିକ ଚିନ୍ତିତ କରୁଛି। ତ୍ରୁଟି ସଂଶୋଧନ କରିବାକୁ ଆହୁରି ଅଧିକ ସମୟ ଲାଗିବ। ଏଣୁ ପାଠ କେବେ ପଢ଼ିବୁ? ଆମେ ଯଦି ଭୁଲ୍ ପଢ଼ିବୁ, ପରୀକ୍ଷାରେ ମଧ ଭୁଲ୍ ଲେଖିବୁ। ସେତେବେଳେ ମାର୍କ କମିବ ଓ ପରୀକ୍ଷାରେ ଫେଲ୍ ହେବାର ଆଶଙ୍କା ମଧ ରହିଛି। ଏଥିପାଇଁ କିଏ ଦାୟି ରହିବ?

- ବାବିଲନ୍ ପ୍ରଧାନ, ଅଷ୍ଟମ ଶ୍ରେଣୀ ଛାତ୍ର



ପାଠ୍ୟପୁସ୍ତକରେ ମାଳମାଳ ଭୁଲ୍ ଛୋଟିଆ ତ୍ରୁଟି ନୁହେଁ, ବରଂ ବୃହତ୍ ଅବହେଳା। ମୁଦ୍ରଣ ପୂର୍ବରୁ ପ୍ରୁଫ୍ ରିଡିଂ କରାଯାଇ ନାହିଁ। ପୂର୍ବରୁ ଏପରି ତ୍ରୁଟି ହୋଇଥିଲେ ମଧ ଗଣଶିକ୍ଷା ବିଭାଗ ସଚେତନ ହୋଇପାରୁନାହିଁ। ବାରମ୍ବାର ଭୁଲ୍ ଦୋହରାଉ ଥିବାରୁ ପ୍ରଶାସନିକ ଓ ନେତୃତ୍ୱଜନିତ ଦୁର୍ବଳତା ପଦାରେ ପଡ଼ିଛି। ଏଣୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ବରଖାସ୍ତ କରିବାକୁ ସେ ଦାବି କରିଛନ୍ତି।

- ବାସୁଦେବ ଭଟ୍ଟ, ସଭାପତି, ଓଡ଼ିଶା ଅଭିଭାବକ ମହାସଂଘ

# କଟକ ସିଟି



# ସରିଲା ରୌପ୍ୟନଗରୀରେ 'ରଜ ମଉଜ'

"ଐତିହାସିକ ସହରରେ ପାନ ଖାଇ ଓ ଖୁଆଇ ପହିଲି ରଜକୁ ଗତ ୧୪ ତାରିଖରେ ସ୍ୱାଗତ କରାଯାଇଥିଲା। ପାଦ'ରେ ଅଳତା, ମଥାରେ କୁଙ୍କୁମ, ଆଖିରେ କଜ୍ଜଳ-ଏମିତି 'ରଜ ଶୃଙ୍ଗାର'ର ସ୍ପର୍ଶରେ ଚମକି ଉଠିଥିଲେ କୁଆଁରୀ ଲଳନା। ବୁଢ଼ା ବାପାଙ୍କ ସତରଞ୍ଜି, ବୁଢ଼ୀ ମା'ର ତାସ ପାଲି, ନୂଆ ଭାଉଜଙ୍କ ଲୁଡୁ ଆଉ ଯୁବକଙ୍କ ବାଗୁଡି ଖେଳରେ ୩ ଦିନ ଜମି ଥିଲା ଏହି ପାରମ୍ପରିକ ଗଣପର୍ବ। ଚଳିତ ରଜ ମଉଜର ଥିଲା ଅନ୍ତିମ ଦିନ"








କଟକ,୧୬।୬(ସମିସ)

ରୌପ୍ୟନଗରୀରୁ ମଙ୍ଗଳାବାର ବିଦାୟ ନେଇଛି 'ରଜ'। ଶେଷ ରଜକୁ ଖୁବ୍ ଧୁମଧାମରେ ପାଳନ କରିଥିଲେ କଟକବାସୀ। ୩ ଦିନ ଧରି ପାଳନ ହେଉଥିବା ଏହି ଗଣପର୍ବକୁ ଆହୁରି ସ୍ମରଣୀୟ କରିବା ପାଇଁ ବିଭିନ୍ନ ସ୍ଥାନରେ ରଜ ମଉଜ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସଜେଇ ହୋଇ ଦୋଳି ଖେଳିଥିଲେ କୁଆଁରୀ ଝିଅଠାରୁ ଆରମ୍ଭ କରି ବିବାହିତା ନାରୀ। ପିଲାଠୁ ବୁଢା ସମସ୍ତେ ରଜପର୍ବରେ ନିଜକୁ ସାମିଲ କରି ଏହି ପର୍ବର ମଜା ନେଇଥିଲେ। ପିଠା, ମିଠା, ପାନ ଓ ଦୋଳିର ଆସର ସହ ପାରମ୍ପରିକ ନାଚଗୀତର ପ୍ରତିଯୋଗିତା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ରଜ ମାହୋଲକୁ ଆହୁରି ରଙ୍ଗୀନ କରିଦେଇଥିଲା। ଗତ ୨ଦିନ ଭଳି ଆଜି ଝିଅ ଓ ମହିଳାମାନେ ପାଦରେ ଅଳତା, ମଥାରେ କୁଙ୍କୁମ ଏବଂ ନବବସ୍ତ୍ର ପରିଧାନ କରି ରଜପର୍ବର ମଜା ନେଇଥିଲେ। ପୂର୍ବ ଦିନ ଭଳି ରଜପାନର ସ୍ୱାଦ ନେବାକୁ ଦୋକାନଗୁଡ଼ିକରେ ଗ୍ରାହକଙ୍କ ଭିଡ଼ ଜମିଥିଲା। ଘରେ ଘରେ ପିଠାପଣା ସହିତ ବିଭିନ୍ନ ପ୍ରକାରର ବ୍ୟାଞ୍ଜନ ପରସା ଯାଇଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସ୍ଥାନରେ ତାସ୍, ଲୁଡୁ ଓ ବାଗୁଡ଼ି ତଥା କବାଡି ଖେଳର ଆସର ଜମିଥିଲା। ବିଶେଷ କରି ଧବଳେଶ୍ୱର ଗଡ଼ାରେ ଆଜି ଶହଶହ ମହିଳା, ଯୁବକ ଏବଂ ଯୁବତୀ ଏକାଠି ହୋଇ ଶେଷ ରଜର ମଜା ଉଠାଇଥିଲେ।

ସହରର ବିଭିନ୍ନ ସ୍ଥାନରେ ଆଜି ଦୋଳି ପ୍ରତିଯୋଗିତା କରାଯାଇଥିଲା। ସାହିବସ୍ତିରେ ଦୋଳି ଲାଗିଥିବା ବେଳେ ଶହ ଶହ ସ୍ଥାନୀୟ ମହିଳା, ଯୁବତୀମାନେ ରଜ ଦୋଳିରେ ବସି ରଜ ଗୀତ ଗାଉଥିବାର ଦୃଶ୍ୟ ଆକର୍ଷଣୀୟ ଥିଲା। ପୁରୀଘାଟ, ଦୋଳମୁଣ୍ଡାଇ, ହରିପୁର, ବକ୍ସିବଜାର, ବିଡ଼ାନାସୀ, କଲେଜଛକ, ସିଡିଏ ଭଳି ସହରର ବହୁ ଅଞ୍ଚଳରେ ରଜ ଉତ୍ସବ ଉପଲକ୍ଷେ ଦୋଳିଖେଳ ପ୍ରତିଯୋଗୀତା କରାଯାଇଥିଲା। ଆସନ୍ତା କାଲି ବସୁମତୀ ସ୍ନାନ ପାଳନ କରାଯିବ। ରଜ ପାଇଁ ଆଜି ସହରର ସଫିମଲ୍ ସମ୍ମୁଖରେ ବ୍ୟବସାୟୀମାନେ ମେହେନ୍ଦି ପସରା ମେଲାଇ ବସିଥିଲେ। ଗୋଟିଏ ହାତ ପିଛା ମେହେନ୍ଦି ଦର ୨୦୦ ଟଙ୍କା ରହିଥିବାବେଳେ ଡିଜାଇନ୍ ଅନୁଯାୟୀ ଭିନ୍ନ ଭିନ୍ନ ଦର ରହଥିଲା। ବିଭିନ୍ନ ସଫିମଲ୍ ସମ୍ମୁଖରେ ଉତ୍ତରପ୍ରଦେଶ, କୋଲକାତା, ରାୟପୁର ଓ ଛତିଶଗଡ ଅଞ୍ଚଳର ବ୍ୟବସାୟୀମାନେ ମେହେନ୍ଦୀ ବ୍ୟବସାୟ କରୁଛନ୍ତି। ସେଠାରେ ମେହେନ୍ଦୀ କରିବା ପାଇଁ ଯୁବତୀଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳିଥିଲା। ସେହିପରି ରଜ ଉପଲକ୍ଷେ ବକ୍ସିବଜାର, ସିଡିଏ, ଖାନନଗର, ଦୋଳମୁଣ୍ଡାଇଠା, କଲେଜଛକ ଓ ଓଏମ୍‌ପି ଅଞ୍ଚଳରେ ବନାରସୀ ପାନ ଦୋକାନ ଖୋଲଥିଲା। ପାନ ଦର ୧୦ରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଥିଲା। ଯେଉଁଥିରେ ମିଠା ପାନ ଗୋଟା ୧୦ ଟଙ୍କା, କାଜୁ-ପିସ୍ତା ପାନ ୩୦ ଟଙ୍କା, ଚକୋଲେଟ ପାନ ୫୦ ଟଙ୍କା, ଫାୟାର ଓ ବନାରସୀ ପାନ୍ ୨୦ ଟଙ୍କା, ଏ-୧ ସ୍ପେସାଲ ରଜ ପାନ ଦର ଗୋଟା ୧୦୦ ରହିଥିଲା। ରଜ ବଜାରରେ ପୋଡ଼ପିଠା ଦର କିଲୋ ପିଛା ୩୦୦ ଟଙ୍କାରେ ବିକ୍ରୟ ହେଉଥିଲା। ଏଭଳି ଭାବେ ରୌପ୍ୟନଗରୀରୁ ଚଳିତ ରଜ ପର୍ବ ବିଦାୟ ନେଇଛି।

## ସମ୍ଭାବନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପୋଷାକ ବଣ୍ଟନ



**କଟକ,୧୬।୬(ସମିସ):** ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସମ୍ଭାବନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ସଭାପତି ପ୍ରିୟରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କଲେଜଛକସ୍ଥିତ ଯଶୋଦା ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିଶୁ ସଦନରେ ଉପସ୍ଥିତ ଅନ୍ତେବାସୀଙ୍କୁ ଓଡିଶାର ଗଣପର୍ବ ରୂପେ ସର୍ବାଦୃତ ତଥା ପ୍ରସିଦ୍ଧ ରଜପର୍ବ ଉପଲକ୍ଷେ ନୂତନ ପୋଷାକ ଓ କିଛି ପ୍ରସାଧାନ ସାମଗ୍ରୀ ବଣ୍ଟନ କରାଯିବା ସହିତ ପିଲାମାନଙ୍କ ମଧ୍ୟରେ କ୍ରୀଡା ପ୍ରତିଯୋଗିତା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ରାକେଶ ଶତପଥୀ, ଉପସଭାପତି ବିମଳ ପ୍ରସାଦ ଜେନା, ଡ଼ଃ ଓଁକାର ରାଉତ,ରାମେଶ୍ୱରୀ ସାହୁ, ତନୁଶ୍ରୀ ବାରିକ,ସିପନ ସ୍ୱାଇଁ,ବିକ୍ରମ ବାରିକ,ଅନିଲ ଦାସ, ଆଲୋକ କୁମାର ସାହୁ,ଦେବଜ୍ୟୋତି ମହାନ୍ତି,ପ୍ରଭୃତି ସଦସ୍ୟ ମାନେ ପରିଚାଳନା କରିଥିଲେ।

## ବଳଭଦ୍ରପୁର ପ୍ରିମିଅର ଲିଗ୍ ଜିତିଲା ବାବା ହୁଙ୍କେଶ୍ୱର



**କଟକ, ୧୬।୬ (ସମିସ):** ବଳଭଦ୍ରପୁର ଯୁବକ ସଂଘର ଆନୁକୂଲ୍ୟରେ ଚାଲିଥିବା ବଳଭଦ୍ରପୁର ପ୍ରିମିୟର ଲିଗ (ବିପିଏଲ୍) ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଏହି ୩ ଦିନିଆ ଟୁର୍ଣ୍ଣାମେଣ୍ଟରେ ବାବା ହୁଙ୍କେଶ୍ୱର ଟିମ ଚାମ୍ପିଅନ ହୋଇଛି। ଫାଇନାଲରେ ମା ସୁନାଦେଇ ଟିମକୁ ହରାଇଥିଲା ବାବା ହୁଙ୍କେଶ୍ୱର ଦଳ। ଅମିତ ମନ୍ତ୍ରୀଙ୍କୁ ଶ୍ରେଷ୍ଠ ବ୍ୟାଟର୍ ଓ ବୋଲର ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଗ୍ରାମର ଅଧିକାରୀ ନିରାକାର ପ୍ରସାଦ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହନ୍ତ ନୀଳକଣ୍ଠ ମହାନ୍ତି, କଟୁଆଳ ବିଷ୍ଣୁ ଚରଣ ରାଉଳ, କୋଷାଧ୍ୟକ୍ଷ ଅମରେନ୍ଦ୍ର ରାଉତ, ଆୟୋଜକ ସଂଘର ସଭାପତି ପ୍ରସନ୍ନ କୁମାର ରାଉତ, ଉପସଭାପତି ନାରାୟଣ ଲେଙ୍କା, ନୀତେଶ ସାହୁ, ସମ୍ପାଦକ ପ୍ରଦୀପ୍ତ କୁମାର ରାଉତ, ସହ-ସମ୍ପାଦକ ରାଧେଶ୍ୟାମ ଜେନା ଓ ଦିବାକର ଲେଙ୍କା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତାରେ ମା ସୁନାଦେଇ ଟିମ, ଗଣେଶ ଜୀଉ, ରାମେଶ୍ୱର, ମଦନମୋହନ, ଜୟ ଜଗନ୍ନାଥ ଓ ବାବା ହୁଙ୍କେଶ୍ୱର କ୍ରିକେଟ ଟିମ ଭାଗନେଇଥିଲେ।

## ଧ୍ରୁବତାରା ପକ୍ଷରୁ ବନ୍ଧୁମିଳନ

**କଟକ,୧୬।୬(ସମିସ):** ପ୍ରଖ୍ୟାତ ଶିଶୁ ସାହିତ୍ୟିକ, ଆକାଶବାଣୀର ବଡଭାଇ ନଦୀୟା ବିହାରୀ ମହାନ୍ତିଙ୍କ ପ୍ରତିଷ୍ଠିତ "ଧ୍ରୁବତାରା' ଶିଶୁସାହିତ୍ୟ ଅନୁଷ୍ଠାନରେ ରଜ ଉପଲକ୍ଷେ ଏକ ବନ୍ଧୁମିଳନ ଉତ୍ସବ ଡକ୍ଟର ସୁନାମଣି ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ସଂସ୍କୃତିରେ ରଜପର୍ବର ମହତ୍ତ୍ୱ ଓ ସଂପ୍ରତି ଏହାର ଅବକ୍ଷୟ ଓ ପୁନରୁଦ୍ଧାର ସଂପର୍କରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର ପ୍ରାକ୍ତନ ସଭାପତି ଜୟନ୍ତୀ ମଞ୍ଜରୀ ରଥଙ୍କ ଆକସ୍ମିକ ପରଲୋକ ପରେ ସଭାପତି ଆସନଟି ଶୂନ୍ୟ ରହିଥିଲା। ଆଜି ଅପରାହ୍ନରେ ତେଲେଙ୍ଗା ବଜାରସ୍ଥିତ "ଧ୍ରୁବତାରା' କାର୍ଯ୍ୟାଳୟରେ ଆହୂତ ଏକ ସଭାରେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ରାଉତଙ୍କୁ ଅନୁଷ୍ଠାନର ସଭାପତି ଭାବେ ମନୋନୀତ କରାଯାଇଥିଲା। ଏହି ସଭାରେ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ, ସାହିତ୍ୟିକ ବୀରେନ୍ଦ୍ର କୁମାର ସିଂହସାମନ୍ତ, ଲକ୍ଷ୍ମୀ ମିଶ୍ର, ସ୍ୱର୍ଣ୍ଣଲତା ସିଂହସାମନ୍ତ, ଶୁଭସୁଧା ପ୍ରିୟଦର୍ଶିନୀ, ବ୍ରହ୍ମାନନ୍ଦ ବେହେରା, ରଶ୍ମି ରେଖା ସିଂହସାମନ୍ତ, ଇଂ ଅରବିନ୍ଦ ପଣ୍ଡା, ପ୍ରେମାନନ୍ଦ ପରିଡା ପ୍ରମୁଖ ସଭ୍ୟସଭ୍ୟା ମାନେ ଯୋଗଦେଇ ସର୍ବ ସମ୍ମତିକ୍ରମେ ଡକ୍ଟର ରାଉତଙ୍କୁ ସଭାପତି ଭାବେ ମନୋନୟନ କରିଥିଲେ। ଅନୁଷ୍ଠାନର ସଂପାଦିକା ବିଭାସିନୀ ମହାନ୍ତି ସଭା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



## ସିଏମ୍‌ସିର ତିନିଦିନିଆ ରଜ ମହୋତ୍ସବ ଉଦ୍‌ଯାପିତ

# ରଜ ପିଠା, ପାନ ଓ ଦୋଳି ଖେଳରେ ଦୁଲୁକିଲା ବାଲିଯାତ୍ରା ପଡ଼ିଆ

**କଟକ, ୧୬।୬(ସମିସ):** ମହାନଗର ନିଗମ ପକ୍ଷରୁ ପ୍ରଥମକରି ତଳ ବାଲିଯାତ୍ରା ପଡ଼ିଆରେ ଆୟୋଜିତ ତିନିଦିନିଆ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଶେଷଦିନରେ ବିଶିଷ୍ଟ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, କଟକ ବାରବାଟୀ ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୋସ୍, ବିଶିଷ୍ଟ ସାହିତ୍ୟିକା ରୁମଝୁମ୍ ନାୟକ, ବିଶିଷ୍ଟ ସାହିତ୍ୟିକା ସସ୍ମିତା ରଥ, ଅନ୍ତର୍ଜାତୀୟ ଫୁଟବଲ୍ ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, କାଦମ୍ବିନୀ ପତ୍ରିକାର ସଂପାଦିକା ଡକ୍ଟର ଇତି ସାମନ୍ତ, ଏମ୍ସ ଭୁବନେଶ୍ୱରର କ୍ୟାନସର ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ସୋନାଲି ମହାପାତ୍ର, ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ଶ୍ରୀମତି ମୀରା ଦାସ, ବିଶିଷ୍ଟ ଚିତ୍ରଶିଳ୍ପୀ ଶ୍ରୀମତୀ ମମତା ସାମନ୍ତରାୟ ପ୍ରମୁଖ ନାରୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ରଜ କିଭଳି ଆମ ସଂସ୍କୃତି, ପରଂପରା ଓ ସାମାଜିକ ସଂସ୍କାରର ଏକ ପ୍ରମୁଖ ଅଂଶ ହୋଇପାରିଛି ଏବଂ ଏହାକୁ ନେଇ ସିଏମସି ଆରମ୍ଭ କରିଥିବା ସଚେତନତା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଝିଅମାନେ ବିଶେଷ କରି ସେମାନଙ୍କର ଶକ୍ତିକୁ ଚିହ୍ନିପାରିଲେ ହିଁ ଏକ ନୂଆ ନବଦିଗନ୍ତର ପରିକଳ୍ପନା କରାଯାଇପାରିବ ବୋଲି ଅତିଥି ବକ୍ତା ଉଲ୍ଲେଖ କରିଥିଲେ। ସିଏମସିର ରେଡ ବକ୍ସ କ୍ୟାମ୍ପେନ୍ ଆଜିର ସାମ୍ପ୍ରତିକ ସମାଜ ପାଇଁ ଏକ ବଡ଼ ଆହ୍ୱାନ ବୋଲି ମଧ୍ୟ ମତ ପ୍ରକାଶ ପାଇଥିଲା। କଟକ ମହାନଗର ନିଗମର ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ପ୍ରଜ୍ଞା ବେଉରା ନିଜର ଅଭିଭାଷଣ ରଖିଥିଲେ। ଶେଷରେ କମିସନର କିରନଦୀପ୍ କୌର ସହୋତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଜି ଶେଷଦିନରେ ୧୯ଟି ୱାର୍ଡର ୧୯୦ ଝିଅଙ୍କୁ ୧୦୦୦ ଟଙ୍କା ଲେଖାଏଁ ୧ ଲକ୍ଷ ୯୦ ହଜାର ଟଙ୍କାର ଗିଫ୍ଟ କୁପନ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ୧୦ ଜଣ ଅଙ୍ଗନ୍‌ବାଡି ଦିଦିଙ୍କୁ ସ୍ମାର୍ଟ ଫୋନ୍ ପ୍ରଦାନ କରାଯାଇଥିଲା। ଅପରାହ୍ନରେ ଅଭିନେତା ଶ୍ରୀତମ ଦାସ, ସମାଜସେବୀ ପ୍ରଫୁଲ୍ଲ ସିଂହ, ସମାଜସେବୀ ସୁକାନ୍ତ ବିଶ୍ୱାଳ ଓ ଚଳଚିତ୍ର ନିର୍ଦ୍ଦେଶକ ବସନ୍ତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## କବିତା କୁଞ୍ଜରେ ନାରୀ କବିଙ୍କୁ ନେଇ କବିତା ଆସର




**କଟକ,୧୬।୬(ସମିସ):** ମହାନଗର ନିଗମ ପକ୍ଷରୁ ଆୟୋଜିତ ରଜ ମହୋତ୍ସବର ତୃତୀୟ ଦିନରେ କବିତା କୁଞ୍ଜରେ ରାଜ୍ୟର ପ୍ରତିଷ୍ଠିତ ନାରୀ କବିମାନଙ୍କୁ ନେଇ ଏକ ସ୍ୱତନ୍ତ୍ର କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଡକ୍ଟର ବୈଜୟନ୍ତୀମାଳା ଶତପଥିଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠୋତ୍ସବରେ ଡକ୍ଟର ଗୀତାଞ୍ଜଳି ପୃଷ୍ଟି, ମୀରା ବେଉରା, ସୁଚେତା ନନ୍ଦ, କୁନଲତା ତ୍ରିପାଠୀ, ବନକଲତା ମହାପାତ୍ର, ନିର୍ମଳା ସ୍ୱାଇଁ, ଗୋପା ଦାସ, ଜୟନ୍ତୀ ପତି, ସସ୍ମିତା ପଟ୍ଟନାୟକ, ମିନାକ୍ଷୀ ପଣ୍ଡା, ଜୟନ୍ତୀ ବାରିକ ପ୍ରମୁଖ କବୟିତ୍ରୀମାନେ ଯୋଗଦେଇ ସେମାନଙ୍କ କବିତା ପାଠ କରିଥିଲେ। କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତ କବିତା ପାଠ ଉତ୍ସବରେ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଉତ୍କଳ ସାହିତ୍ୟ ସମାଜର ସଂପାଦକ ରାଜୀବ ଷଡ଼ଙ୍ଗୀ ସିଏମସିର ମେୟର ସୁବାସ ସିଂହ ଓ କମିଶନର କିରନଦୀପ୍ କୌର ସହୋତାଙ୍କୁ ସମ୍ମାନିତ କରିଥିଲେ। ରଜ ଆମ ମାଆ, ମାଟି, ଭାଷା ଓ ଆମ ସଂସ୍କୃତିର ଅନନ୍ୟ ପର୍ବ ବୋଲି ଉଲ୍ଲେଖ କରିଥିଲେ ମେୟର ଶ୍ରୀ ସିଂହ। ନାରୀ କବିମାନେ ରଜସ୍ୱଳା ପୃଥିବୀକୁ ନେଇ ବିଭିନ୍ନ ସଚେତନତା କବିତା ପାଠ କରିଥିଲେ। ପ୍ରାରମ୍ଭରେ କଟକ ମହାନଗର ନିଗମର ଡେପୁଟି କମିସନର ଜୁବୁଲି ଚରଣ ବେହେରା, ଆସିଷ୍ଟାଣ୍ଟ କମିସନର ସ୍ୱାତି ମିଶ୍ର, ଶୁଭଶ୍ରୀ ମଲ୍ଲିକ ଓ ଲୋକ ସଂପର୍କ ଅଧିକାରୀ ଅବିନାଶ ମହାପାତ୍ର ସମସ୍ତ କବୟତ୍ରୀମାନଙ୍କୁ ଉତ୍ତରୀୟ, ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ।

# ରିଂରୋଡ୍‌ରେ ଫାଟିଲା ପାଣି ପାଇପ୍‌ଲାଇନ୍




କଟକ,୧୬।୬(ସମିସ)

ହାଇକୋର୍ଟଙ୍କ କଡ଼ା ତାଗିଦ ସତ୍ତ୍ୱେ କଟକ ସହରରେ ମନଇଚ୍ଛା ରାସ୍ତାଘାଟଗୁଡିକ ଖୋଳାପୋତାରେ ଲାଗିଛନ୍ତି ବିଭିନ୍ନ ବିଭାଗ। ବିଭାଗଗୁଡିକ ମଧ୍ୟରେ ସମନ୍ୱୟ ରହୁ ନଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଆଜି ଏଭଳି ରାସ୍ତା ଖୋଳା ପାଇଁ କଟକ ମହାନଦୀ ରିଙ୍ଗରୋଡର କାଠଗୋଲା ସାହି ନିକଟରେ ପାନୀୟ ଜଳ ପାଇପଲାଇନ ଫାଟିଯାଇଛି। ଗେଲ ଇଣ୍ଡିଆର ଗ୍ୟାସ ପାଇପଲାଇନ ବିଛା କାମ ବେଳେ ପାଣି ପାଇପ ଫାଟିଯିବାରୁ ରାସ୍ତାରେ ପାଣି ଭାସିଥିଲା। ଏଥିପାଇଁ ଜଳଯୋଗାଣ ହେଉଥିବା ଅଞ୍ଚଳରେ ପାନୀୟ ଜଳ ସଂକ୍ରମଣ ଆଶଙ୍କା ଉପୁଜିଛି। ରାସ୍ତାର ଗୋଟିଏପଟରେ ଗାଡ଼ି ଚଳାଚଳ କରାଯିବାରୁ ଏହି ସ୍ଥାନରେ ଆଜି ନାହିଁ ନଥିବା ଟ୍ରାଫିକ ଭିଡ ଦେଖିବାକୁ ମିଳିଥିଲା।

ପ୍ରକାଶଥାଉକି, କଟକ ମହାନଗର ନିଗମର ୫୯ଟି ୱାର୍ଡରେ ରହିଛି ମୋଟ ୫୫୦ କିଲୋମିଟର ରାସ୍ତା। ସହରରେ ଟିପିସିଓଡିଏଲ ବିଦ୍ୟୁତ କେବୁଲ ବିଛା, ୱାଟକୋର ପାଇପ ଜଳ ସଂଯୋଗ, ଗେଲ ଇଣ୍ଡିଆର ଗ୍ୟାସ ପାଇପଲାଇନ ବିଛାଇବା କାମ ସହ ସ୍ୱେରେଜ ଲାଇନ ଚାମ୍ବର ପାଇଁ ଅନେକ ସମୟରେ ରାସ୍ତାଘାଟଗୁଡିକୁ ସମ୍ପୃକ୍ତ ବିଭାଗ ଗୁଡିକ ଖୋଳାପୋତା କରୁଥିବାର ଜଣାପଡିଛି। ଏଭଳି କାର୍ଯ୍ୟ ପାଇଁ ବିଭିନ୍ନ ସମୟରେ ପାଣି ପାଇପଲାଇନ ଫାଟିବା ସହ ରାସ୍ତାଘାଟ ଅବସ୍ଥା ଶୋଚନୀୟ ହୋଇ ପଡୁଛି। ଅତୀତରେ କଟକ ସହର ସମସ୍ୟା ଶୁଣାଣି ବେଳେ ହାଇକୋର୍ଟ ଏହି ପ୍ରସଂଗକୁ ଗୁରୁତ୍ୱର ସହ ଗ୍ରହଣ କରିଥଲେ। ଏଥିପାଇଁ ଆନ୍ତଃବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ ହାଇକୋର୍ଟ। ପ୍ରଥମତଃ ରାସ୍ତାଘାଟ ଖୋଳି କାମ କରିବାକୁ ଚାହୁଁଥିବା ବିଭାଗଗୁଡିକ କଟକ ମହାନଗର ନିଗମ (ସିଏମସି) ସହ ସମନ୍ୱୟ ରଖିବା ଉପରେ ମଧ୍ୟ ହାଇକୋର୍ଟ ନିର୍ଦ୍ଦେଶ

- ଆନ୍ତଃବିଭାଗୀୟ ସମନ୍ୱୟ ଅଭାବ
- ମନଇଚ୍ଛା ରାସ୍ତା ଖୋଳାପୋତା
- ବର୍ଷାରେ ସଂକ୍ରମଣ ଆଶଙ୍କା

ଦେଇଥିଲେ। ହେଲେ ଏହି ସବୁ ନିର୍ଦ୍ଦେଶକୁ କଟକ ସହରରେ କାର୍ଯ୍ୟକାରୀ କରାଯାଉ ନଥିବା ଦେଖିବାକୁ ମିଳିଛି। ସହରରେ ରାସ୍ତା ଅବସ୍ଥା ସୁଧୁରିବା ପରିବର୍ତ୍ତେ ବିଭାଗୀୟ ସମନ୍ୱୟ ଅଭାବରୁ ଖୋଳାପୋତାରେ ଅଧିକ ବିପର୍ଯ୍ୟସ୍ତ ହୋଇଛି। ଜୁନ ପୂର୍ବରୁ ମରାମତି କାର୍ଯ୍ୟ ଶେଷ ହେବ ବୋଲି ସିଏମସି ପକ୍ଷରୁ କୁହାଯାଇଥିଲେ ମଧ୍ୟ ଏହା ଶେଷ ହୋଇପାରିନାହିଁ। ମହାନଗର ନିଗମ ଅଞ୍ଚଳରେ ମୋଟ ୩୩୭୨ଟି ରାସ୍ତା ରହିଥିବା ବେଳେ ଏବେ ବହୁ ଭଲ ରାସ୍ତାକୁ ଯେଉଁ ବିଭାଗ ନିଜ କାମ ପାଇଁ ଖୋଳୁଛି ତାହାକୁ ପୂର୍ବ ସ୍ଥିତିକୁ ଫେରାଇଆଣୁନଥିବା ପରିଲକ୍ଷିତ ହେଉଛି। ଆଗକୁ ବର୍ଷା ଋତୁ ଆସୁଥିବା ବେଳେ ଏହି ସବୁ ରାସ୍ତା ଅଧିକ ଖାଲଖମାରେ ପରିଣତ ହେବ ବୋଲି ଅଭିଯୋଗ ମଧ୍ୟ କରାଯାଉଛି; କିନ୍ତୁ ଏଥିରେ କୌଣସି ସୁଧାର ଆସୁନାହିଁ କି ବିଭାଗ ମଧ୍ୟରେ ଦୂରଦୃଷ୍ଟୀ ସମ୍ପନ୍ନ ଯୋଜନାରେ ଏହାର କାର୍ଯ୍ୟକାରିତା ହେଉନାହିଁ। ଏବେ ବି ସହରରେ ୧୦୦ କିଲୋମିଟର ରାସ୍ତା ଅବସ୍ଥା ଅତ୍ୟନ୍ତ ଖରାପ ସ୍ଥିତିରେ ରହିଛି।

# ଚୋରା ବିଦେଶୀ ମଦ ଜବତ; ଜଣେ ଗିରଫ

ସାଲେପୁର,୧୬।୬(ସମିସ): ସନ୍ଧ୍ୟାରେ ସାଲେପୁର-କେନ୍ଦ୍ରାପଡ଼ା ରାସ୍ତାର କୁଳିଆ ବଜାର ନିକଟରେ ରାସ୍ତାକଡ଼ରେ ଚୋରା ବିଦେଶୀ ମଦ ରଖି ବିକ୍ରୟ କରୁଥିବାବେଳେ ସାଲେପୁର ପୁଲିସ ଚଢ଼ଉ କରି ଚୋରା ବିଦେଶୀ ମଦ ଜବତ କରିବା ସହ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିଥିବା ଜଣାଯାଇଛି। ଅଭିଯୁକ୍ତ ହେଉଛି କୋଲଣପୁର ଗ୍ରାମର ସୁବାସଚନ୍ଦ୍ର ପରିଡ଼ା। ଖବର ପାଇ ପୁଲିସ ଚଢ଼ଉ କରି ମୋଟ ୨୫.୯୦୦ ଲିଟରର ବିଦେଶୀ ମଦ ଜବତ କରିବା ସହ ସୁବାସଙ୍କୁ ଗିରଫ କରିଥିବା ସାଲେପୁର ଆଇଆଇସି ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି।

# ୭ ଜୁଆଡ଼ି ଗିରଫ; ନଗଦ ଟଙ୍କା ସହ ଖେଳ ସାମଗ୍ରୀ ଜବତ



ଚୌଦ୍ୱାର,୧୬।୬(ସମିସ): ଚୌଦ୍ୱାର ଥାନା ଅନ୍ତର୍ଗତ ବଡ଼ପଦାଗାଁରେ ପୁଲିସ୍ ଚଢ଼ଉ କରି ୭ ଜଣ ଜୁଆଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ପୁଲିସ ତାସ, ନଗଦ ୨୨ ହଜାର ୨୩୦ ଟଙ୍କା ଓ ୨ଟି ମୋବାଇଲ ଫୋନ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡପଦାଗାଁ ଗ୍ରାମର ସୁକାନ୍ତ ରାଉତ, କାହ୍ନୁ ରାଉତ, କାଳନ୍ଦୀ ରାଉତ, ନାରାୟଣ ପ୍ରଧାନ, ଗୋଲେଖ ବସ୍ତିଆ, ପ୍ରମୋଦ ରାଉତ ଓ ଦିଆଣିପାଟଣା ଗ୍ରାମର ଦିବାକର ମହାନ୍ତି। ବଡପଦାଗାଁର ଏକ ଖୋଲା ପଡ଼ିଆରେ ଜୁଆ ଖେଳ ଚାଲୁଥିବା ଖବର ପାଇ ଆଇଆଇସି ରଜନୀକାନ୍ତ ଦାସଙ୍କ ନେତୃତ୍ୱରେ ଏକ ଟିମ ସୋମବାର ରାତିରେ ଉକ୍ତ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ପୁଲିସ ସୂଚନା ଦେଇଛି।

# ଇଂ ଗୋପାଳକୃଷ୍ଣଙ୍କୁ ସାହିତ୍ୟସେବା ସମ୍ମାନ



କନ୍ଦରପୁର,୧୬।୬(ସମିସ): ସାଂସ୍କୃତିକ ତଥା ସାମାଜିକ ସଙ୍ଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର ଉପଦେଷ୍ଟା ବିଶିଷ୍ଟ ସମାଜସେବୀ ତଥା ଖ୍ୟାତିସମ୍ପନ୍ନ ସାହିତ୍ୟିକ ଇଂ ଗୋପାଳକୃଷ୍ଣ ଦାସଙ୍କୁ ସାହିତ୍ୟ, ସଂସ୍କୃତି ସେବା ତଥା ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନେଇ ସମ୍ବର୍ଦ୍ଧିତ କରାଯାଇଛି। ଜ୍ଞାନଦାନ ଅନରାରି ଡକ୍ଟରେଟ୍ ଫାଉଣ୍ଡେସନ୍ ପକ୍ଷରୁ ଶତାବ୍ଦୀ ଭବନ କଟକଠାରେ ଆୟୋଜିତ ସଭାରେ ମର୍ଯ୍ୟାଦାଜନକ ସାହିତ୍ୟସେବା ସମ୍ମାନ-୨୦୨୬ ପ୍ରଦାନ କରାଯାଉଛି। ସେ ୬୬ ଥର ରକ୍ତଦାନ ମଧ କରିଛନ୍ତି। ପ୍ରତିଭା ଗବେଷକ ଗୋପାଳକୃଷ୍ଣ ସାହିତ୍ୟ ସେବା, ସଂସ୍କୃତି ସୁରକ୍ଷା, ଜନ ସଚେତନତା, ରକ୍ତଦାନ, ପରିବେଶ ସୁରକ୍ଷା, ସମାଜସେବା, ଶିଶୁ କର୍କଟ ରୋଗୀଙ୍କୁ ସେବା ପ୍ରଦାନ ଆଦି ବହୁବିଧ ଦିଗରେ କାର୍ଯ୍ୟ ଜାରି ରଖିଛନ୍ତି।

# ପରମହଂସନାଥଙ୍କ ଶୀତଳଷଷ୍ଠୀ ଓ ଦେବବିବାହ ପ୍ରସ୍ତୁତି




କନ୍ଦରପୁର, ୧୬।୬ (ସମିସ): କଟକ ସଦର ଅନ୍ତର୍ଗତ ପ୍ରାଚୀନ ତଥା ପ୍ରସିଦ୍ଧ ଶୈବପୀଠ ପରମହଂସନାଥଙ୍କ ମନ୍ଦିରରେ ଆସନ୍ତା ୧୮ ତାରିଖ ପବିତ୍ର ଶୀତଳଷଷ୍ଠୀ ତଥା ଶିବବିବାହ ଉପଲକ୍ଷେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ, ମନ୍ଦିର ଟ୍ରଷ୍ଟି କଟକ ସଦର ତହସିଲଦାର ଦେବଦତ୍ତ ପ୍ରଧାନ, ନିରଞ୍ଜନ ରାଉଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଲି, ହୃଷୀକେଶ ଜେନା, ସମର ବେହେରା, କଟକ ସଦର ବିକାଶ ମଞ୍ଚ ସଭାପତି ସୁବୋଧ ବେହେରା, ପୁଷ୍ପକ ପ୍ରଧାନ, ପରିଚାଳନା କମିଟି ସଦସ୍ୟ ସନ୍ତୋଷ ରଥ, ହଂସନାଥ ସ୍ୱେଚ୍ଛାସେବୀ ସଂଗଠନ ସଭାପତି ଲକ୍ଷ୍ମୀଧର ରାଉତ, ସନ୍ତୋଷ ସାହୁ, ଶରତ ରଥ, ପବିତ୍ର ମିଶ୍ର, ଜ୍ୟୋତିରଞ୍ଜନ ନାୟକ, ଦୀନବନ୍ଧୁ ବେହେରାଙ୍କ ସମେତ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ, ସେବାୟତ ଓ ଶ୍ରଦ୍ଧାଳୁ ପର୍ବର ସୁପରିଚାଳନା ଓ ସଫଳତା ପାଇଁ ଆଲୋଚନା କରିଥିଲେ।

# ରବିନ୍ଦ୍ର ଚିନ୍ନରାଙ୍କୁ ଶ୍ରଦ୍ଧାଞ୍ଜଳି



ସାଲେପୁର,୧୬।୬(ସମିସ): ରବିନ୍ଦ୍ର କୁମାର ଚିନ୍ନରାଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଧର୍ମପରାୟଣ ଓ ସମାଜସେବୀ ସ୍ୱର୍ଗତ ଚିନ୍ନରାଙ୍କର ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଅପୂରଣୀୟ କ୍ଷତି ଘଟିଛି ବୋଲି କହିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବଳରାମ ସାହୁ, ପବିତ୍ର ମହାରଣା, ବିଶ୍ୱଭୂଷଣ ସାହୁ, ସୁଧାକର ମହାରଣା, କଳ୍ପନା ସାହୁ, ଶିଳ୍ପନା ମହାରଣା, ଜ୍ୟୋତ୍ସ୍ନା ମହାରଣା, ଅର୍ଚ୍ଚନା ମହାରଣା, କୈଳାସ କୁମାର ଚିନ୍ନରା, ବିଶ୍ୱରଂଜନ ଚିନ୍ନରା, ପ୍ରଜ୍ଞାଜିତ ମହାରଣା, କୁସୁମବାଳା ଚିନ୍ନରା ପ୍ରମୁଖ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ପ୍ରାର୍ଥନା କରି ସ୍ମୃତିଚାରଣ କରିଥିଲେ।

# ବଡମ୍ବା-ନରସିଂହପୁର ନୂଆ ଓଏଏସଙ୍କୁ ସମ୍ବର୍ଦ୍ଧନା



ନରସିଂହପୁର, ୧୬।୬ (ସମିସ): ଚଳିତ ବର୍ଷ ଓଡ଼ିଶା ପ୍ରଶାସନିକ ସେବା ପାଇଥିବା ବଡମ୍ବା-ନରସିଂହପୁର ବ୍ଲକର କୃତୀ ସନ୍ତାନମାନଙ୍କୁ ଓଡ଼ିଶା ଆଣ୍ଟି ନକ୍ସଲ ଅପରେସନର ମୁଖ୍ୟ ତଥା ଅତିରିକ୍ତ ଡ଼ିଜି ସଞ୍ଜୀବ ପଣ୍ଡା ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଓସିଏସ୍ ୮୯ ରାଙ୍କରେ କୃତକାର୍ଯ୍ୟ ହୋଇଥିବା ନରସିଂହପୁର ବ୍ଲକ କାକୁଡ଼ିଆ ଗ୍ରାମର ରାଜା ସାହୁ, ୬୪ ରାଙ୍କ ପାଇଥିବା ପାର୍ବତୀପୁର ଗ୍ରାମର କୋମଳ ଶତପଥୀ, ୨୧ ରାଙ୍କ ପାଇଥିବା ବଡମ୍ବା ଦାଶରଥୀପୁର ଗ୍ରାମର ଶୋଭେସ୍ ପାଣିଗ୍ରାହୀଙ୍କୁ ଅତିରିକ୍ତ ଡ଼ିଜି ସଞ୍ଜୀବ ପଣ୍ଡା ସମ୍ବର୍ଦ୍ଧିତ କରିବା ସହ ପ୍ରଶାସନିକ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଜୟ କୁମାର ପଣ୍ଡା ସଂଯୋଜନା କରିଥିଲେ।

## ବିଭିନ୍ନ ରଜ ମହୋତ୍ସବ କମିଟି ପକ୍ଷରୁ ଶେଷ ରଜ

# ଦୋଳି ଖେଳ, ନାଚଗୀତରେ ଝୁମିଲେ ଯୁବକ ଯୁବତୀ







ସାଲେପୁର,୧୬।୬(ସମିସ): ସାଲେପୁର ଅଞ୍ଚଳରେ ଆଜି ଶେଷ ରଜରେ ବିଭିନ୍ନ ରଜ ଉତ୍ସବ କମିଟି ପକ୍ଷରୁ ଆକର୍ଷଣୀୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପିକୋଳ ଗୋରଖନାଥ ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବରେ ସାମ୍ବାଦିକ ମହେଶ୍ୱର ବେହେରା ଅଧ୍ୟକ୍ଷତାରେ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ଅକ୍ଷୟ କୁମାର ଦାଶ, ମୁଖ୍ୟବକ୍ତା ଭାବେ ସମାଜସେବୀ ମେହେରବାନ ଖାଁ ଯୋଗ ଦେଇଥିଲେ। ଗ୍ରାମର କୁନି କୁନି ପିଲା ଓ ଯୁବକଙ୍କ ଦ୍ୱାରା ନୃତ୍ୟ, ସଂଗୀତ ପରିବେଷଣ କରାଯାଇଥିଲା। ନୃତ୍ୟଗୁରୁ ସୁଦର୍ଶନ ଭୋଇ, ବିଜୟଲକ୍ଷ୍ମୀ ରଣାଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ସାମ୍ବାଦିକ ମହେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ବୀରକିଶୋର ପାତ୍ର, ସନାତନ ବେହେରା, ବଳରାମ ବେହେରା, ତପନ ବେହେରା, କୈଳାସ ବେହେରା, ବନମାଳି ବେହେରା, ପର୍ଶୁରାମ ବେହେରା, ପଦ୍ମଭୂଷଣ ପ୍ରଧାନ, ଓମପ୍ରକାଶ ବେହେରା, ତାପସ ବେହେରା, ଚୁନି ପାତ୍ର, ମୋହନ କୁମାର ପାତ୍ର, ଅଭିରାମ ବେହେରା, ଉପେନ୍ଦ୍ର ପ୍ରଧାନ, ରବିନ୍ଦ୍ର ବେହେରାଙ୍କ ସମେତ ଯୁବକ ସଂଘର କର୍ମକର୍ତ୍ତା ପରିଚାଳନା କରିଥିଲେ। ସେହିପରି ଭାତପଡ଼ା, ଜଳହରି, ସାଲେପୁର ପ୍ରଥମ ରଜ ମହୋତ୍ସବ କମିଟି, ଉତ୍ତର ବଟେଶ୍ୱର, ରୋଧପୁର, ଚନ୍ଦ୍ରାଦେଇପୁର, ଲୁଣାହାର ସମେତ ବିଭିନ୍ନ ରଜ ମହୋତ୍ସବ କମିଟି ପକ୍ଷରୁ ଆଜି ଶେଷ ରଜକୁ ଧୁମ୍‌ଧାମରେ ପାଳନ କରାଯାଇଥିଲା। ଏହି ଅବସରରେ ଲୁଣାହାର ଓ ଚନ୍ଦ୍ରାଦେଇପୁର ଗ୍ରାମ ପକ୍ଷରୁ ରଜ ମେଳଣ ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି।

## ତେନ୍ତୋଳରେ ଯୋଗଦେଲେ ବିଧାୟକ

ସାଲେପୁର: ସାଲେପୁର ବ୍ଲକ୍ ଅନ୍ତର୍ଗତ ତେନ୍ତୋଳ ପଞ୍ଚାୟତର ଗଣପତି କ୍ଲବ, ତଳସାହି ରଜ ଅନୁଷ୍ଠାନ, ଷଷ୍ଠୀ ଭଗବତୀ ରଜ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ରଜ ମହୋତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଆୟୋଜକମାନଙ୍କୁ ଉତ୍ସାହିତ କରିବା ସହ ରଜ ପର୍ବ ଓଡ଼ିଆମାନଙ୍କ ପାଇଁ ଏକ ଗୌରବର ପର୍ବ ବୋଲି ପ୍ରକାଶ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଜେଡି ଯୁବସଭାପତି ସଂଜିତ୍ ଦାଶ, ପୂର୍ବତନ ସରପଞ୍ଚ ପବିତ୍ର ବେହେରା, ଜଗମୋହନ ଦାସ, ଦୁର୍ଯ୍ୟୋଧନ ଦାସ, ପୁଷ୍ପ ମହାନ୍ତି, ବିଜୟ କାଣ୍ଡି, ଦିଲୀପ ସ୍ୱାଇଁ, ଜୁଲୁ ମହାନ୍ତି, ଜଗୁ ବେହେରା, ସଦାନନ୍ଦ ସାହୁ, ସମ୍ବିତ ଦାଶ ପରିଚାଳନା କରିଥିଲେ।

## ମଧୁମଣ୍ଡପରେ ରଜ ଗୀତ, କବିତା ଓ କୁଇନ୍ ପ୍ରତିଯୋଗିତା

ସାଲେପୁର ରଜ ମହୋତ୍ସବ କମିଟି ପକ୍ଷରୁ ମଧୁମଣ୍ଡପରେ ରଜ ମହୋତ୍ସବର ଦ୍ୱିତୀୟ ଦିବସରେ ରଜ କୁଇନ୍ ପ୍ରତିଯୋଗିତାରେ ୩୦ ଜଣ ପ୍ରତିଯୋଗୀ ଭାଗନେଇଥିଲେ। ସାଲେପୁର ହାଇସ୍କୁଲ ପରିସରରେ ରଜ କୁଇନ୍ ପ୍ରତିଯୋଗିତା ଓ ରଜ ଗୀତ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବି ସଦାଶିବ ଦାଶ, ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ ଷଡ଼ଙ୍ଗୀ, ରେଭେନ୍‌ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଡଃ ବିଜୟଲକ୍ଷ୍ମୀ ଦାଶ, ଶିଶୁ କବି ଶଶିଭୂଷଣ ଦାଶ, ସାରସ୍ୱତ ସମାରୋହ ସମିତିର କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଦାଶ, ଉପସଭାପତି ବିଷ୍ଣୁଚରଣ ମିଶ୍ର, ପ୍ରକାଶକ ଚନ୍ଦ୍ରମଣି ଭୂୟାଁ, ଡଃ ନିଖିଳେଶ ମହାନ୍ତି, ଡଃ ଯୁଧିଷ୍ଠିର ଖଟୁଆ ପ୍ରମୁଖ ଓଡ଼ିଆ ରଜ ଗୀତ ଓ କବିତା କାର୍ଯ୍ୟକ୍ରମରେ ଭାଗନେଇଥିଲେ। ଆବାହକ ହରିବନ୍ଧୁ ଶତପଥୀଙ୍କ ଉପସ୍ଥିତିରେ ସନ୍ଧ୍ୟାରେ ମଧୁସୂଦନ ମଣ୍ଡପରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସାଲେପୁର ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ରବିନ୍ଦ୍ରନାଥ କର ଯୋଗ ଦେଇ ଥିଲେ। ମୁଖ୍ୟବକ୍ତା ରୂପେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାଶ ଯୋଗ ଦେଇଥିଲେ। ସମ୍ବିତ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଦୀପ୍ତିମୟୀ ରାଉତ ସ୍ୱାଗତ ଭାଷଣ ଦେଇଥିବାବେଳେ ଏହି କାର୍ଯ୍ୟକ୍ରମରେ ମେଧାବୀ ଛାତ୍ରଛାତ୍ରୀ ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ରଜ କୁଇନ୍ ପ୍ରତିଯୋଗିତାରେ ବିଚାରକ ଭାବେ ଧାରାବାହିକ ଅଭିନେତ୍ରୀ ଅର୍ଚ୍ଚିତା ପ୍ରିୟଦର୍ଶିନୀ ରାଉତ, ବିରଜା କର, ଡଃ ମଂଜୁଶ୍ରୀ ପତି, ପ୍ରଜ୍ଞାପରମିତା ମହାନ୍ତି, ନିର୍ମଳା ପୃଷ୍ଟି, ଶିକ୍ଷୟିତ୍ରୀ ମିନତୀ ନାୟକ, କାଦମ୍ବିନୀ ସାହୁ, କବୟିତ୍ରୀ ସୁସ୍ମିତା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କବି ମାନସ ରଂଜନ ଦାଶ, ଶିକ୍ଷୟିତ୍ରୀ ଡଲି ଭୂୟାଁ, ହେମନ୍ତ କୁମାର ନନ୍ଦ, ବୈକୁଣ୍ଠ ସ୍ୱାଇଁ, ଦୀପକ ଜେନା, ମହମ୍ମଦ ନଜରୁଲ ହସନ, ମନୋଜ ଖିଲାର, ପମା ମଲ୍ଲିକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ପରିଚାଳନା କରିଥିଲେ।

## ୮ମ କନ୍ଦରପୁର ରଜ ମହୋତ୍ସବ



ଆଠଗଡ଼: କନ୍ଦରପୁର ଗ୍ରାମପଞ୍ଚାୟତର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ୪ ଦିନ ବ୍ୟାପୀ ଅଷ୍ଟମ କନ୍ଦରପୁର ରଜ ମହୋତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ପଞ୍ଚାୟତ ଅଞ୍ଚଳର ଯୁବକ, ଛାତ୍ରଛାତ୍ରୀଙ୍କ ପାଇଁ ଦୋଳି ଖେଳ, କବାଡି, ଭଲିବଲ ଏବଂ ଝିଅଙ୍କ ପାଇଁ ରଜଦୋଳି, ରଜ କୁଇଜ୍ ଓ ନୃତ୍ୟ, ସଙ୍ଗୀତ, ଗୁପଚୁପ ଖିଆ, ପୁଚି, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ କଳାକାର, ପାୟଲ ଡ୍ୟାନସ ଗ୍ରୁପର ଏବଂ ଓଡ଼ିଶାର ବିଭିନ୍ନ ଅଞ୍ଚଳର କଳାକାର ନିଜ ସାଂସ୍କୃତିକ ଦଳ ସହ ନୃତ୍ୟ, ସଙ୍ଗୀତ, ନାଟକ, ପାଇକ ଆଖଡ଼ା ଆଦି ପରିବେଷଣ କରିଥିଲେ। ଝଡ଼ିବର୍ଷା ସହିତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଯୁବକ, ମହିଳା ଓ ପିଲାମାନେ ମିନାବଜାର ସହ ବିଭିନ୍ନ ଦୋଳି ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆନନ୍ଦ ନେଇଥିଲେ। ବିଭିନ୍ନ ଦିବସରେ ସରପଞ୍ଚ କଲ୍ୟାଣୀ ଖଟୁଆ, ଗ୍ରାମ ମୁରବୀ ସୁଦର୍ଶନ ସାହୁ, ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ସାହୁ, ଗ୍ରାମ ସଭାପତି ତଥା ଶିକ୍ଷାବିତ ମହେନ୍ଦ୍ର କୁମାର ଦାସ, ପାଲା ଗାୟକ ଯୁଗଳ କିଶୋର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁଦର୍ଶନ ସାହୁ, ପୂର୍ବତନ ସରପଞ୍ଚ ବିଚିତ୍ରାନନ୍ଦ ସେଠୀ, ଆଠଗଡ଼ କ୍ୱାନକିଡୋ ଅନୁଷ୍ଠାନର ସଭାପତି ସମାଜସେବୀ ରୁଦ୍ରଚରଣ ମହାନ୍ତି, ଯୁବନେତା ପବିତ୍ର ମୋହନ ଖଟୁଆ ଆଦି ଯୋଗ ଦେଇଥିଲେ। ରଜ ମହୋତ୍ସବ ଅବସରରେ ଗୋଟିଏ ସ୍ଥାନରେ କ୍ରୀଡା, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରକାରର ଦୋଳି, ମିନାବଜାର ଆଦି ଆୟୋଜନ କରିଥିବାରୁ ଫ୍ରେଣ୍ଡସ କ୍ଲବ୍‌କୁ ଅତିଥିମାନେ ପ୍ରଶଂସା କରିଥିଲେ। ଚଳିତ ବର୍ଷ ମହୋତ୍ସବରେ ମିନାବଜାର ସହ ଆଖପାଖ ଅଞ୍ଚଳରୁ ପ୍ରବଳ ଜନସମାଗମ ଓ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଆଠଗଡ଼ ପ୍ରଶାସନ, ପୁଲିସ ଏବଂ ଅଗ୍ନିଶମ ବିଭାଗ ତରଫରୁ ସମସ୍ତ ପ୍ରକାରର ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲା।

# ୱାଟର ପାର୍କ ଲାଇଫ୍ ଗାର୍ଡଙ୍କ ଦାଦାଗିରି; ୨ ଆହତ



ଫୁଲନଖରା, ୧୬।୬ (ସମିସ): କଟକ ସଦର ଥାନା କୁରାଙ୍ଗଶାସନସ୍ଥିତ ୱାର୍ଟର ପାର୍କ ଲାଇଫ୍ ଗାର୍ଡଙ୍କ ଆକ୍ରମଣରେ ଦୁଇଜଣ ଆହତ ହୋଇଥିବା ଜଣାପଡିଛି। ଆହତ ଯୁବକଦ୍ୱୟ ହେଲେ ପାହାଳ ଥାନା ଅନ୍ତର୍ଗତ ମହାନ୍ତିପାଟଣା ଗ୍ରାମର ଦିଲ୍ଲିପ କୁମାର ବେହେରା ଓ ଜଗନ୍ନାଥପୁର ଗ୍ରାମର ବିକ୍ରମ ପାତ୍ର। ରଜପର୍ବର ଶେଷ ଦିନ ଥିବାରୁ ୱାର୍ଟର ପାର୍କରେ ୨ଘଣ୍ଟା ସ୍ଥାନୀୟଲୋକଙ୍କ ପାଇଁ ନିଶୁଳ୍କ ପ୍ରବେଶର ବ୍ୟବସ୍ଥା ଥିଲା। ଫଳରେ ପ୍ରବଳ ଭିଡ଼ ହୋଇଥିଲା। ଲୋକମାନଙ୍କୁ ନିୟନ୍ତ୍ରଣ ଓ ଜୀବନ ରାକ୍ଷା ପାଇଁ ନିଯୁକ୍ତ ଲାଇଫ୍ ଗାର୍ଡ ଭିଡ ନିୟନ୍ତ୍ରଣ ପାଇଁ ପାଣିରେ ଗାଧାଉଥିବା ବିକ୍ରମ ପାତ୍ରଙ୍କୁ ଠେଲାପେଲା କରିଥିଲେ। ବିକ୍ରମ ପାତ୍ର ଯୁକ୍ତିତର୍କ କରିବାରୁ ତା' ମୁଣ୍ଡକୁ ହାତରେ ପିନ୍ଧିଥିବା କଡାରେ ଆଘାତ କରିଥିଲେ। ଫଳରେ ବିକ୍ରମର ମୁଣ୍ଡ ଫାଟି ଯାଇଥିଲା ଓ ରକ୍ତସ୍ରାବ ହୋଇଥିଲା। ଏହା ଦେଖି ଦିଲ୍ଲୀପ ଗାର୍ଡଙ୍କ ସହିତ ଯୁକ୍ତି କରିବାରୁ ତାକୁ ମଧ ଗାର୍ଡ ଜଣକ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ କିଛି ଯୁବକ ପ୍ରତିବାଦ କରିବାରୁ ଗାର୍ଡ ଜଣକ ଘର ଭିତରକୁ ପଶି ଯାଇଥିଲେ। ଘର ଭିତରେ ପଶିଯିବା ଫଳରେ ଉତ୍ତ୍ୟକ୍ତ ଯୁବକମାନେ ଘରର କାଚ ଭାଙ୍ଗି ଦେଇଥିଲେ। ଘଟଣାସ୍ଥଳରେ ସଦର ଆଇଆଇସି ତୁଷାରକନ୍ତା ସେଠୀ ସଦଳବଳେ ପହଞ୍ଚି ଯୁବକମାନଙ୍କୁ ଘଉଡାଇବା ସହ ଆହତ ଯୁବକଦ୍ୱୟଙ୍କୁ ଚିକିତ୍ସା ପାଇଁ ପଠାଇ ଦେଇଥିଲେ। ଏନେଇ ଉଭୟ ପକ୍ଷରୁ ସଦର ଥାନାରେ ଲିଖିତ ଅଭିଯୋଗ ହେବାରୁ ଉଭୟ ପକ୍ଷରୁ ୩ ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି ବୋଲି ଆଇଆଇସି ସୂଚନା ପ୍ରଦାନ କରିଛନ୍ତି।

# ପ୍ରତାପନଗରୀରେ ରାମଲୀଳା ମହୋତ୍ସବ



ଫୁଲନଖରା, ୧୬।୬ (ସମିସ): କଟକ ସଦର ଥାନା ୫୮ନଂ ୱାର୍ଡ ଅନ୍ତର୍ଗତ ପ୍ରତାପନଗରୀ ରଘୁନାଥଜୀଉଙ୍କ ଗ୍ରାମ୍ୟ ରାମଲୀଳା ମଣ୍ଡପରେ ୧୩୯ତମ ରାମଲୀଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମା' ଧାକୁଲେଇ ରାମଲୀଳା ପ୍ରଚାର ଓ ପ୍ରସାର ସମିତି ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ରାମବନବାସ, ସୀତାଚୋରୀ, ଇନ୍ଦ୍ରଜିତ ବଧ ଓ ଶେଷ ରାତ୍ରରେ ରାବଣବଧ ଲୀଳା ଅନୁଷ୍ଠିତ ହୋଇଥିଲା। ଶେଷ ସଂଧ୍ୟା ଏକ ସମ୍ବର୍ଦ୍ଧନା ସଭାରେ ଆଞ୍ଚଳିକ ଶାନ୍ତି କମିଟିର ସଭାପତି ନିମାଇଁ ଚରଣ ଲେଙ୍କା, ସଂପାଦକ ସୁରେନ୍ଦ୍ର ମହାପାତ୍ର, ସୁଶାନ୍ତ ମହାନ୍ତି, ରାଜେଶ ସ୍ୱାଇଁ, ବିଜେପି ଗୋପାଳପୁର ମଣ୍ଡଳ ସଭାପତି ନିହାର ରଂଜନ ପଣ୍ଡା, ପ୍ରତାପନଗରୀ ଗ୍ରାମ୍ୟ କମିଟି ସଭାପତି ପ୍ରମୋଦ ସ୍ୱାଇଁ, ମା' ଧାକୁଲେଇ ରାମଲୀଳା ପ୍ରଚାର ସମିତିର ସଭାପତି ବାଦଲ କୁମାର ଜେନା, ସଂପାଦକ ଅରୁଣ ରାଉତ, କୋଷାଧ୍ୟକ୍ଷ ବାଦଲ ସ୍ୱାଇଁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ଗ୍ରାମର ମୁରବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୋହିତ କୁମାର ସ୍ୱାଇଁ, ମାଧବ ରାଉତ, ସୁକାନ୍ତ ସାହୁ, ପ୍ରସନ୍ନ ସ୍ୱାଇଁ, ଶ୍ରୀନିବାସ ରାଉତ, ଅଶୋକ ସ୍ୱାଇଁ ଓ ସମିତିର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ରେବେଲକୁ ହରାଇ ଇଲେଭେନ୍ ଚାମ୍ପିଅନ

## ହଳଦୀବସନ୍ତ ପ୍ରିମିୟର ଲିଗ୍ ଉଦ୍‌ଯାପିତ




ଟାଙ୍ଗୀ,୧୬।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ହଳଦୀବସନ୍ତ ସିଦ୍ଧେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ଦୁଇଦିନିଆ ହଳଦୀବସନ୍ତ ପ୍ରିମିୟର ଲିଗ୍ କ୍ରିକେଟ୍ ନାଇଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗୃପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା ଚାମ୍ପିଅନ ଇଲେଭେନ ଷ୍ଟାର ଓ ରନର୍ସଅପ ରେବେଲ ଷ୍ଟାର ସମେତ ମ୍ୟାନ ଅଫ ଦି ମ୍ୟାଚ ଅନୁଭବଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୁବ ସଂଗଠକ ବିଶ୍ୱଜିତ ଆଞ୍ଚଲ ଓ ମଣ୍ଡଳ ସଭାପତି ହୃଷୀକେଶ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ମ୍ୟାଚରେ ଆଠଟି ଟିମ୍ ଭାଗନେଇଥିବା ଜଣାପଡିଛି। କ୍ଲବର ବିବେକାନନ୍ଦ ବେହେରା, ଲିଟୁନା ଛାଟୋଇ, ମନୋଜ ବେଉରା, ବିଜୟ ବସ୍ତିଆ, ସୌମ୍ୟରଞ୍ଜନ ନାୟକ, ଶିବାନନ୍ଦ ପରିଡ଼ା, ଅନୁଭବ ସ୍ୱାଇଁ, ଜୟପ୍ରକାଶ ବେହେରା, ପ୍ରିୟବ୍ରତ ସ୍ୱାଇଁ ଓ ସୌମ୍ୟରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ରଜରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ | ବୁବୁ ଡିଜେସ୍ ଡିଫେଣ୍ଡର ଚାମ୍ପିଅନ




ଡିଗିରିଆ, ୧୬।୬ (ସମିସ): ପବିତ୍ର ରଜ ଉପଲକ୍ଷେ ଡିଗିରିଆ ବ୍ଲକ୍ ଗୋଡିଝରିଆର ଯୋଗେଶ୍ୱରୀ କ୍ଲବ୍ ତରଫରୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବୁବୁ ଡିଜେସ୍ ଡିଫେଣ୍ଡର, ସିପୁସ୍ ଷ୍ଟ୍ରାଇକର ଓ ବୁବୁସ୍ ଇଲେଭେନ୍ ମଧ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ବୁବୁ ଡିଜେସ୍ ଡିଫେଣ୍ଡର ଚାମ୍ପିଅନ୍ ହୋଇଥିଲା। ମୁଖ୍ୟଅତିଥି ଭାବେ ଭିରୁଡା ସରପଞ୍ଚ ବେଣୁଧର ସାହୁ, ସମ୍ମାନିତ ଅତିଥି ଭାବେ ଯୋଗେଶ୍ୱରୀ କ୍ଲବ୍ ସଭାପତି ବିଜୟ କୁମାର ସାହୁ ଓ ସଂପାଦକ ରାଜକିଶୋର ସାହୁ ଯୋଗ ଦେଇଥିଲେ। ଜିତେନ୍ଦ୍ର କୁମାର ସାହୁ ଓ ପ୍ରକାଶ କୁମାର ସାହୁଙ୍କ ଦ୍ୱାରା ପରିଚାଳିତ ଏହି ଟୁର୍ଣ୍ଣାମେଣ୍ଟର ଶେଷ ପର୍ଯ୍ୟାୟରେ ଅତିଥିମାନେ ଅଫ ଦି ସିରିଜ୍ ରୁପେ ନିଶିକାନ୍ତ ସାହୁ, ମ୍ୟାନ ଅଫ ଦି ମ୍ୟାଚ୍ ରୁପେ ଜିତୁ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଚିକୁ ସାହୁ, ବୁବୁ ସାହୁ, ବଣ୍ଟି ସାହୁ, ବବୁଲ୍ ସାହୁ, ଜିଲୁ ସାହୁ, ବାଦଲ ବାରିକ, କହ୍ନେଇ ରାଉତ, ସଂଗ୍ରାମ୍ ବେହେରା, ସନ୍ତୋଷ ସାହୁ ସହଯୋଗ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୭୨ ● ପାଉଣ୍ଡ ୧୨୬.୮୩
- ୟୁରୋ ୧୦୯.୬୪ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୮,୭୫୦ (ଭୁବନେଶ୍ୱର)
- ରୁପା : ୨,୭୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୮୦୮.୦୦
- ନିଫ୍ଟି ୨୩,୯୮୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



**ନାସ୍‌କମ୍ ରିପୋର୍ଟ**

# ଭୟଙ୍କର ରୂପ ନେବ ନିଯୁକ୍ତି କ୍ଷେତ୍ର



## ବେକାର ହେବ ପାରମ୍ପରିକ ଡିଗ୍ରୀ
## ୨୦୩୦ ସୁଦ୍ଧା ଯିବ ୨୨% ଚାକିରି
## ଏଆଇ ନ ଶିଖିଲେ ମିଳିବନି ନିଯୁକ୍ତି
## ୪୦% କମ୍ପାନୀରେ ଡିଗ୍ରୀ ସହ ଏଆଇ ଜାଣିଥିବା ଲୋକଙ୍କୁ ପ୍ରାଥମିକତା
## ୧୨,୨୦୦ରୁ ଅଧିକ ସ୍ନାତକୋତ୍ତର କୋର୍ସ ବାତିଲ୍ କଲା ଚୀନ୍

ନୂଆଦିଲ୍ଲୀ,୧୬।୬(ଏଜେନ୍ସି): ସାରା ବିଶ୍ୱରେ ବର୍ତ୍ତମାନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ନେଇ ଚହଳ। କେବଳ ଦେଶର ଅର୍ଥନୀତି ନୁହେଁ, ଏହାର ପ୍ରଭାବ ଶିକ୍ଷା କ୍ଷେତ୍ରରେ ଦେଖିବାକୁ ମିଳିଲାଣି। ଏକ ସମୟରେ ଭାରତୀୟ ଛାତ୍ରମାନେ ଯେଉଁସବୁ କୋର୍ସ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା, ଏବେ ସେହି ପାଠ୍ୟକ୍ରମ ସବୁ ଏକ ପ୍ରକାର ବନ୍ଦ ହୋଇଯିବାକୁ ବସିଛି। କାରଣ ଏଆଇ ଟୁଲ୍ସ ଏହି କ୍ଷେତ୍ରର କାମଗୁଡ଼ିକୁ ଅତି ସହଜ କରିଦେଉଛି। ତେଣୁ ଏହାର ପରିସର ଏବେ ଛୋଟ ହେବାକୁ ଲାଗିଲାଣି। ଯାହାଫଳରେ ପାରମ୍ପରିକ ଡିଗ୍ରୀଗୁଡ଼ିକ ବେକାର ହେବାକୁ ଯାଉଛି। ୨୦୩୦ ସୁଦ୍ଧା ଏଆଇ ଯୋଗୁ ୨୨% ଚାକିରି ଚାଲିଯିବ। ଅର୍ଥାତ୍ ଏଆଇ ଏହିସବୁ ଚାକିରି ଖାଇଯିବ। ଏଆଇ ନ ଶିଖିଲେ ମିଳିବନି ନିଯୁକ୍ତି। କମ୍ପାନୀଗୁଡ଼ିକ ସମ୍ପ୍ରତି ଏଆଇ ଦକ୍ଷତା ଥିବା ଲୋକଙ୍କ ସନ୍ଧାନରେ ଅଛନ୍ତି। ବର୍ତ୍ତମାନ ୪୦% କମ୍ପାନୀ ଡିଗ୍ରୀ ସହ ଏଆଇ ତାଲିମ ପାଇଥିବା ଲୋକଙ୍କୁ ପ୍ରାଥମିକତା ଦେଉଛି। ଏଆଇ ଯୋଗୁ ଭାରତରେ ଆଇଟି, ଆଇନ, ବାଣିଜ୍ୟ, ଡିଜାଇନ, ଲାଇବ୍ରେରୀ ସାଇନ୍ସ ଏବଂ ଏମ୍‌ବିଏ ଆଦି ପାଠ୍ୟକ୍ରମରେ ବଡ଼ ପରିବର୍ତ୍ତନ ଆଶଙ୍କା କରାଗଲାଣି ବୋଲି ନାସ୍‌କମ୍‌ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। ବିଶେଷଜ୍ଞଙ୍କ ଅନୁଯାୟୀ, ଏଆଇ ଲୋକଙ୍କ ସ୍ଥାନ ନେବନାହିଁ, କିନ୍ତୁ ଯେଉଁମାନେ ଏଆଇ ବ୍ୟବହାର କରନ୍ତି ସେମାନେ ଏଆଇ ବ୍ୟବହାର କରୁ ନ ଥିବା ଲୋକଙ୍କ ସ୍ଥାନ ନେଇଯିବେ।

ନାସ୍‌କମ୍ ୨୦୨୪ ରିପୋର୍ଟରେ କୁହାଯାଇଛି ଯେ, ଭାରତରେ ୮୨% ବିସିଏ ଏବଂ ଏମ୍‌ସିଏ ସ୍ନାତକଙ୍କ ପାଖରେ ଏଆଇ ତାଲିମର ଅଭାବ । ସେହିପରି ବିଶ୍ୱ ଅର୍ଥନୈତିକ ଫୋରମ୍ ରିପୋର୍ଟ ଅନୁଯାୟୀ,ଯେଉଁମାନେ ଏଆଇ ଉପକରଣ ବ୍ୟବହାର କରି ଉତ୍ପାଦନ କ୍ଷମତା ୪୦% ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ, ସେମାନଙ୍କ ପାଖରେ ଚାକିରି ରହିବ। ତେଣୁ ଏସବୁ ଦେଖିଲେ ଲାଗୁଛି ଆଗକୁ ଏକ ଭୟଙ୍କର ଚାକିରି ସମସ୍ୟା ସୃଷ୍ଟି ହେବ। ଏବେଠାରୁ ଦେଶରେ ଦେଶରେ ଆଇଟି, ଆଇନ, କମର୍ସ, ଟ୍ରାନ୍ସଲେସନ, ଡିଜାଇନ ଓ ଲାଇବ୍ରେରୀ ସାଇନ୍ସ ଓ ଏମ୍ବିଏ ଭଳି କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆରମ୍ଭ ହୋଇଗଲାଣି। କମ୍ପାନୀଗୁଡିକ କେବଳ ଖୋଜୁଛନ୍ତି ଏଆଇ ଦକ୍ଷତା ଥିବା କର୍ମଚାରୀ ଖୋଜୁଛନ୍ତି। ଏଚଆର କମ୍ପାନୀ ଟିମ ଲିଜ୍ କହିଛି ଯେ, ୪୦% କମ୍ପାନୀ ହାଇବ୍ରିଡ୍ ସ୍କିଲ୍ସ ଅର୍ଥାତ୍ ଡିଗ୍ରୀ ସହିତ ଏଆଇ ଜ୍ଞାନକୁ ବାଧ୍ୟତାମୂଳକ ବୋଲି ବିବେଚନା କରୁଛନ୍ତି। ଫ୍ୟୁଚର୍ ଅଫ୍ ଜବ୍ସ ରିପୋର୍ଟ ୨୦୨୫ ଅନୁଯାୟୀ, ୨୦୩୦ ସୁଦ୍ଧା ଏଆଇ ଯୋଗୁ ୨୨% ଚାକିରି ପ୍ରଭାବିତ ହୋଇପାରେ। ଠିକ୍ ଏହି ସମୟରେ, ଚୀନ୍ ଏଆଇର ଉତ୍ଥାନକୁ ଦେଖି ନିଜ ଶିକ୍ଷାରେ ପରିବର୍ତ୍ତନ କରିବା ଆରମ୍ଭ କରିଦେଇଛି। ଚୀନ୍‌ର ବିଶ୍ୱବିଦ୍ୟାଳୟଗୁଡ଼ିକ ୨୦୨୧ ରୁ ୨୦୨୫ ମଧ୍ୟରେ ୧୨,୨୦୦ ରୁ ଅଧିକ ସ୍ନାତକୋତ୍ତର ପାଠ୍ୟକ୍ରମକୁ ବାତିଲ୍ କିମ୍ବା ସ୍ଥଗିତ ରଖିଛନ୍ତି, ଯେତେବେଳେ କି ପ୍ରାୟ ୧୦,୨୦୦ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଚୀନ ସରକାର ସେମିକଣ୍ଡକ୍ଟର, ରୋବୋଟିକ୍ସ ଓ ଅନ୍ୟ ରଣନୈତିକ ଉଦ୍ୟୋଗ ପାଇଁ ପ୍ରତିଭା ତିଆରି କରିବାକୁ ତା'ର ବିଶ୍ୱ ବିଦ୍ୟାଳୟଗୁଡ଼ିକ ଉପରେ ଚାପ ପକାଉଛନ୍ତି। ଭାରତରେ କର୍ଣ୍ଣାଟକ ସରକାର କେବଳ ଚୀନ୍‌ଭଳି କିଛିଟା ନୀତି ଆପଣାଇଛନ୍ତି। କୋର୍ସଗୁଡ଼ିକରେ କମ୍ ନାମଲେଖା ଓ ଅନ୍ୟାନ୍ୟ ଆଳ ଦେଖାଇ ରାଜ୍ୟରେ ୧୩୦୦ କୋର୍ସର ସିଟ୍ ହ୍ରାସ କରିଛନ୍ତି। ଡିଗ୍ରୀ କରୁଥିବା ଦ୍ୱିତୀୟ କିମ୍ବା ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ଲାଇଭ୍ ପ୍ରୋଜେକ୍ଟରେ କାମ କରିବା ଆରମ୍ଭ କରିବା ଉଚିତ୍ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ଅପରପକ୍ଷେ ପାରମ୍ପରିକ ଡିଗ୍ରୀଗୁଡିକ ସମ୍ପୂର୍ଣ୍ଣ ଭାବରେ ବେକାର ହେବ ନାହିଁ, କିନ୍ତୁ ସେଗୁଡିକର ଫର୍ମାଟ୍ କ୍ଷୀଣ ହେଉଛି। ଯଦି ଅଧ୍ୟୟନର ପଦ୍ଧତି ଏବଂ ବିଷୟବସ୍ତୁ ପରିବର୍ତ୍ତନ ନ ହୁଏ, ତେବେ ସେହି ଡିଗ୍ରୀଗୁଡ଼ିକ ମୂଲ୍ୟ ହରାଇବ। ବଜାର କେବଳ ତତ୍ତ୍ୱ କିମ୍ବା ରୋଟ୍ ଶିକ୍ଷଣ ସହିତ ସାଧାରଣ ଛାତ୍ରଛାତ୍ରୀଙ୍କ ଚାହିଦା ହରାଉଛି। ଅପଗ୍ରେଡ୍ କରିବା ଆବଶ୍ୟକ।

# ନୂଆ ଇତିହାସ ରଚିଲା ବେଦାନ୍ତ

## ୪ ସ୍ୱାଧୀନ କମ୍ପାନୀକୁ ବିଏସଇ, ଏନ୍‌ଏସଇରେ ତାଲିକାଭୁକ୍ତ




ମୁମ୍ବଇ, ୧୬।୬: ବେଦାନ୍ତ ଗ୍ରୁପ୍ ଆଜି ବିଏସ୍‌ଇ (ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ) ଏବଂ ଏନ୍‌ଏସଇ (ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜ) ରେ ୪ଟି ନୂତନ କମ୍ପାନୀକୁ ତାଲିକାଭୁକ୍ତ କରି ଭାରତୀୟ କର୍ପୋରେଟ୍ ଇତିହାସରେ ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛି। ଏହି ଐତିହାସିକ ତାଲିକାଭୁକ୍ତ ରଣନୈତିକ ଧାତୁ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଆଲୁମିନିୟମ, ତୈଳ ଏବଂ ଗ୍ୟାସ, ଶକ୍ତି ଏବଂ ଲୁହା ଏବଂ ଇସ୍ପାତ କ୍ଷେତ୍ରକୁ ବିସ୍ତାରିତ କେନ୍ଦ୍ରିତ, ବିଶ୍ୱସ୍ତରୀୟ ବ୍ୟବସାୟର ଏକ ପୋର୍ଟଫୋଲିଓ ସୃଷ୍ଟି କରୁଛି। ଏହି ବ୍ୟବସାୟଗୁଡ଼ିକ ଭାରତର ଦୀର୍ଘକାଳୀନ ଶିଳ୍ପ, ଭିତ୍ତିଭୂମି ଏବଂ ସ୍ୱାବଲମ୍ବନ ର କେନ୍ଦ୍ରରେ ଅବସ୍ଥିତ। ବେଦାନ୍ତ ଆଲୁମିନିୟମ, ବେଦାନ୍ତ ତୈଳ ଏବଂ ଗ୍ୟାସ, ବେଦାନ୍ତ ଲୌହ ଏବଂ ଷ୍ଟିଲ୍ ଏବଂ ବେଦାନ୍ତ ପାୱାରର ତାଲିକାଭୁକ୍ତକରଣ, ମୂଲ୍ୟ ଅନଲକ୍ କରିବା, ବ୍ୟବସାୟିକ ଧ୍ୟାନକୁ ତୀକ୍ଷ୍ଣ କରିବା ଏବଂ ବିଶ୍ୱସ୍ତରୀୟ ଅର୍ଥନୈତିକ ଏବଂ ଉତ୍ପାଦନ ଶକ୍ତିହାଉସ୍ ଭାବରେ ଭାରତର ଉଦୟ ସହିତ ସମନ୍ୱିତ କ୍ଷେତ୍ର ନେତା ସୃଷ୍ଟି କରିବା ପାଇଁ ଏକ ଭବିଷ୍ୟତ-ପ୍ରସ୍ତୁତ ପରିବର୍ତ୍ତନର ପରିଣାମକୁ ପ୍ରତିନିଧିତ୍ୱ କରେ। ଏହି ନୂତନ ତାଲିକାଭୁକ୍ତ ସଂସ୍ଥାଗୁଡ଼ିକ ଆଜି ବେଦାନ୍ତ ଲିମିଟେଡ୍ ସହିତ ବାଣିଜ୍ୟ ଆରମ୍ଭ କରୁଛନ୍ତି, ଯାହା ହିନ୍ଦୁସ୍ତାନ ଜିଙ୍କ ଦ୍ୱାରା ସଂଯୁକ୍ତ ଗୋଷ୍ଠୀର ପ୍ରମୁଖ ତାଲିକାଭୁକ୍ତ ସଂସ୍ଥା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ୟବସାୟର ଏକ ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ପୋର୍ଟଫୋଲିଓ।

# ହାକାଥନ୍ 'ଆଇଡିବିଆଇ ଇନୋଭେଟ୍ ୨୦୨୬'

ମୁମ୍ବଇ,୧୬।୬: ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ନବସୃଜନକୁ ପ୍ରୋତ୍ସାହିତ କରିବା ଏବଂ ଡିଜିଟାଲ୍ ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଆଇଡିବିଆଇ ବ୍ୟାଙ୍କ ଏହାର 'ହାକାଥନ୍;ଆଇଡିବିଆଇ ଇନୋଭେଟ୍ ୨୦୨୬' ଆରମ୍ଭ କରିଛି।

ଏହି କାର୍ଯ୍ୟକ୍ରମକୁ ଆଇଡିବିଆଇ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ ଶର୍ମା ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି, ଯାହାକି ଅତ୍ୟାଧୁନିକ ଜ୍ଞାନକୌଶଳ ଗ୍ରହଣ କରିବା ଦିଗରେ ବ୍ୟାଙ୍କର ପ୍ରତିବଦ୍ଧତାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଅବସରରେ ଆଇଡିବିଆଇ ବ୍ୟାଙ୍କର ଏମଡି ଏବଂ ସିଇଓ ରାକେଶ ଶର୍ମା କହିଛନ୍ତିଯେ, ଆଇଡିବିଆଇ ଇନୋଭେଟ୍ ୨୦୨୬ ମାଧ୍ୟମରେ, ଆମେ ଏପରି ଗତିଶୀଳ ସମାଧାନ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ଯାହା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ପୁନଃକଳ୍ପନା ପାଇଁ ଉଜ୍ଜ୍ୱଳ ପ୍ରତିଭା ଏବଂ ଅଭିନବ ଚିନ୍ତାଧାରାକୁ ଏକାଠି କରିବ। ଏହି ହାକାଥନ୍ ଡିଜିଟାଲ୍ ଉତ୍କର୍ଷତା ଏବଂ ଗ୍ରାହକ-କେନ୍ଦ୍ରିକ ନବସୃଜନ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

**ପୁରୁଣା ଗାଡ଼ିରେ ଇ-୨୦ ପେଟ୍ରୋଲ ବ୍ୟବହାର ପ୍ରସଙ୍ଗ**

**ବୀମା କମ୍ପାନୀର ବ୍ଲଗ୍ ପୋଷ୍ଟ**

# ଇଞ୍ଜିନ୍ ଖରାପ ହେଲେ ମିଳିବନି ବୀମା କ୍ଲେମ୍

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ପେଟ୍ରୋଲ ଏବଂ ଡିଜେଲ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ସରକାର ଇଥାନଲକୁ ପ୍ରୋତ୍ସାହିତ କରୁଥିବା ବେଳେ, ଯାନବାହନ ବୀମା କମ୍ପାନୀଗୁଡ଼ିକର ସାମ୍ପ୍ରତିକ ବୟାନ ଏବେଚାରିଆଡେ ବେଶ ଚର୍ଚ୍ଚାର ବିଷୟ ହୋଇଛି। ଭାରତ ଦ୍ରୁତ ଗତିରେ ଉଚ୍ଚ-ଇଥାନଲ ମିଶ୍ରିତ ପେଟ୍ରୋଲ (ଇ-୨୦ ଇନ୍ଧନ) ଆଡକୁ ଗତି କରୁଛି। ଏହି ସମୟରେ, ପୁରୁଣା ଯାନବାହନର ମାଲିକଙ୍କ ମନରେ ଏକ ନୂତନ ଭୟ ସୃଷ୍ଟି ହୋଇଛି। ଦେଶର ଏକ ପ୍ରମୁଖ ଘରୋଇ ବୀମା କମ୍ପାନୀ ଆଇସିଆଇସିଆଇ ଲୋମ୍ବାର୍ଡ ଦ୍ୱାରା ଏକ ବ୍ଲଗ୍ ପୋଷ୍ଟ ପରେ ଏହି ପ୍ରଶ୍ନ ଉଠିଛି। ପୋଷ୍ଟରେ କମ୍ପାନୀ କହିଥିଲା ଯେ, ପୁରୁଣା ଗାଡ଼ିରେ ଇ-୨୦ ଇନ୍ଧନ ବ୍ୟବହାର କରିବା ଦ୍ୱାରା ବୀମା ଦାବି ପ୍ରତ୍ୟାଖ୍ୟାନ ହୋଇପାରେ। ଏହା ପରେ ଘଟଣା ବିବାଦୀୟ ହେବାପେର କମ୍ପାନୀ ଏହା ଉପରେ ଏକ ସ୍ପଷ୍ଟୀକରଣ ଜାରି କରିଛି।

ଜୁନ୍ ୯ରେ ଏକ ବ୍ଲଗ୍ ପୋଷ୍ଟରେ କମ୍ପାନୀ ଲେଖିଥିଲା ଯେ କେବଳ ଇ-୧୦ (୧୦% ଇଥାନଲ୍ ମିଶ୍ରଣ ସହିତ ପେଟ୍ରୋଲ୍) ପାଇଁ ଡିଜାଇନ୍ ହୋଇଥିବା ଯାନରେ ଇ-୨୦ (୨୦% ଇଥାନଲ୍ ସହିତ ପେଟ୍ରୋଲ୍) ଇନ୍ଧନ ବ୍ୟବହାର କରିବା

**ପ୍ରତିକ୍ରିୟା ପରେ ସଫେଇ ଦେଲା ଆଇସିଆଇସିଆଇ ଲୋମ୍ବାର୍ଡ**

ଅବହେଳା କିମ୍ବା ଅପବ୍ୟବହାର ବୋଲି ବିବେଚନା କରାଯାଇପାରେ। ବ୍ଲଗ୍ ଅନୁଯାୟୀ, ଯଦି ଏହି ଅବହେଳା ଯୋଗୁଁ ଯାନର କୌଣସି କ୍ଷତି ହୁଏ, ତେବେ ଗାଡ଼ିର ବୀମା ଦାବି ପ୍ରତ୍ୟାଖ୍ୟାନ କରାଯାଇପାରେ। ୨୦୨୫ ଏପ୍ରିଲରୁ ଭାରତରେ କେବଳ ଇ-୨୦ ପେଟ୍ରୋଲ୍ ଉପଲବ୍ଧ ହେଉଥିବାରୁ (ସାଧାରଣ ଇ-୧୦ ଇନ୍ଧନ ବନ୍ଦ କରାଯାଇଛି), ପୁରୁଣା ଯାନ ମାଲିକମାନଙ୍କ ପାଖରେ ଇ-୨୦ ବ୍ୟବହାର କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ଅନ୍ୟ ବିକଳ୍ପ ହେଉଛି ଏକ୍ସପି ୧୦୦ (ଶୁଦ୍ଧ ପେଟ୍ରୋଲ୍), ଯାହା ବହୁତ ମହଙ୍ଗା ୧୬୦ ଟଙ୍କା ପ୍ରତି ଲିଟର) ଏବଂ ଏହା ସବୁଠାରେ ଉପଲବ୍ଧ ନୁହେଁ। ଏହି ଖବର ପ୍ରସାରିତ ହେବା ପରେ ପୁରୁଣା ଯାନ ମାଲିକଙ୍କ ମଧ୍ୟରେ ଗାଡ଼ିକୁ ନେଇ ଚିନ୍ତା ବଢ଼ିଥିଲା। ଏହାକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିବା ପରେ ପରେ ଆଇସିଆଇସିଆଇ ଲୋମ୍ବାର୍ଡ ସ୍ପଷ୍ଟ କରିବା ପାଇଁ ଏକ୍ସ' ରେ ଏକ ସରକାରୀ ବିବୃତ୍ତି ଜାରି କରିଥିଲା। କମ୍ପାନୀ ସ୍ପଷ୍ଟ କରିଛି ଯେ ପୁରୁଣା ଯାନଗୁଡ଼ିକରେ ଇ-୨୦୦ ଇନ୍ଧନ ବ୍ୟବହାର କରାଗଲେ ମୋଟର ବୀମା ପଲିସିଗୁଡ଼ିକ ସମ୍ପୂର୍ଣ୍ଣ ବୈଧ ରହିବ। କମ୍ପାନୀ ଏହାକୁ ଅବହେଳା ବୋଲି ବିବେଚନା କରିବନାହିଁ। କମ୍ପାନୀ କହିଛି ଯେ ପେଟ୍ରୋଲ, ଡିଜେଲ, ସିଏନ୍‌ଜି କିମ୍ବା ଇ-୨୦ ଇନ୍ଧନ ଦାବି ପ୍ରକ୍ରିୟାକରଣରେ ପ୍ରତିବନ୍ଧକ ନୁହେଁ।

# ଆମେରିକୀୟ କମ୍ପାନୀର ଗୋପନୀୟ ତଥ୍ୟ ଚୋରି !

**ଟିସିଏସ୍ ଦେବ ୨୨୦ ନିୟୁତ ଡଲାର**

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ଟାଟା କନସଲଟେନ୍ସି ସର୍ଭିସେସ୍ (ଟିସିଏସ୍)କୁ ଆମେରିକାରେ ଚାଲିଥିବା ଏକ ବ୍ୟବସାୟିକ ଗୋପନୀୟତା ମାମଲାରେ ବଡ଼ ଝଟ୍‌କା ଲାଗିଛି। ଆମେରିକାର ସର୍ବୋଚ୍ଚ ଅଦାଲତ କମ୍ପାନୀର ସମୀକ୍ଷା ଆବେଦନକୁ ଖାରଜ କରିଦେଇଛନ୍ତି। ଏହି କାରଣରୁ ଟିସିଏସ୍‌କୁ ସମୁଦାୟ ପ୍ରାୟ ୨୨୦ ନିୟୁତ ଡଲାର (ପ୍ରାୟ ୧,୮୦୦ କୋଟିରୁ ଅଧିକ ଟଙ୍କା) ର ଆର୍ଥିକ କ୍ଷତି ସହିବାକୁ ପଡ଼ିବ। କମ୍ପାନୀ ପକ୍ଷରୁ ଶେୟାର ବଜାର ଏକ୍ସଚେଞ୍ଜ ଫାଇଲିଂରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଆମେରିକା ସୁପ୍ରିମକୋର୍ଟ 'ଡିଏକ୍ସସି ଟେକ୍ନୋଲୋଜି' ପକ୍ଷରେ ଯାଇଥିବା ୧୬୮ ନିୟୁତ ଡଲାରର କ୍ଷତିପୂରଣ ରାୟକୁ କାଏମ ରଖିଛନ୍ତି। କମ୍ପାନୀ ଏହାର ଫାଇଲିଂରେ ସ୍ପଷ୍ଟ କରିଛି ଯେ, ୧୫ ଜୁନ ୨୦୨୬ ରେ ଆମେରିକା ସୁପ୍ରିମକୋର୍ଟ ତାଙ୍କ ଆବେଦନକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଟିସିଏସ୍ ଏହି ମାମଲା ପାଇଁ ନିଜ ଆକାଉଣ୍ଟରେ ପୂର୍ବରୁ ହିଁ ୧୫୦ ନିୟୁତ ଡଲାରର ବ୍ୟବସ୍ଥା କରି ରଖିଥିଲା।

# ଖିମଜୀ ଜୁଏଲର୍ସ ପକ୍ଷରୁ 'ରଜ ମଉଜ'



ଭୁବନେଶ୍ୱର,୧୬।୬(ସମିସ): ଅଳଙ୍କାର ବ୍ରାଣ୍ଡ ଖିମଜୀ ଜୁଏଲର୍ସ ପକ୍ଷରୁ ତିନି-ଦିନିଆ 'ରଜ ମଉଜ' ପାଳନ କରାଯାଇଛି। ଜୁନ୍ ୧୪ ରୁ ୧୬ ପର୍ଯ୍ୟନ୍ତ ଆୟୋଜିତ ଏହି ଉତ୍ସବଗୁଡ଼ିକ ଏକ ସମୟରେ ସମସ୍ତ ୧୧ଟି ଖିମଜୀ ଜୁଏଲର୍ସ ସୋ'ରୁମ୍ ଏବଂ ୬ଟି ପ୍ରିମିୟମ୍ ଆବାସିକ ସୋସାଇଟିଗୁଡ଼ିକରେ ଆୟୋଜନ କରାଯାଇଥିଲା। ଏହାର ଜନସମ୍ପର୍କ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ବ୍ରାଣ୍ଡଟି ରୟାଲ୍ ଲାଗୁନ୍, ମଣି ତ୍ରିଭୁବନ, ଆସୋଟେକ୍ ୱାର୍ଲ୍ଡ, ଲ୍ୟାଣ୍ଡମାର୍କ ଫେଜ୍ ଓ ହାଇ ଟେକ୍ ପ୍ଲାଜା ଏବଂ ଉତ୍କଳ ହାଇଟ୍ସ ସହିତ ଆବାସିକ ସୋସାଇଟିଗୁଡ଼ିକ ସହ ସହଯୋଗିତା କରିଥିଲା। ସୁନ୍ଦର ଭାବରେ ସଜ୍ଜିତ ପାରମ୍ପରିକ ଦୋଳି, ୩୬୦-ଡିଗ୍ରୀ ସେଲଫି ବୁଥ୍, ମଜାଦାର ଖେଳ ଓ ପାର୍ବଣ କାର୍ଯ୍ୟକଳାପଗୁଡ଼ିକ ଏହି ସମୁଦାୟଗୁଡ଼ିକୁ ଜୀବନ୍ତ ସାଂସ୍କୃତିକ କେନ୍ଦ୍ରରେ ପରିଣତ କରିଥିଲା। ପାରମ୍ପରିକ ସ୍ୱାଦ ଏବଂ ଆକର୍ଷଣୀୟ ପୁରସ୍କାରଗୁଡ଼ିକ ଉତ୍ସବର ପରିବେଶକୁ ଆହୁରି ବଢ଼ାଇଥିଲା ଏବଂ ସାମୁଦାୟିକ ବନ୍ଧନକୁ ଦୃଢ଼ କରିଥିଲା। ଏକ ସମୟରେ ସମସ୍ତ ଖିମଜୀ ଜୁଏଲର୍ସ ଆଉଟଲେଟ୍‌ଗୁଡ଼ିକ ଗ୍ରାହକମାନଙ୍କ ଠାରୁ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ପାଇଥିଲେ ଯେଉଁମାନେ ବିଶେଷଜ୍ଞ କଳାକାରମାନଙ୍କ ଦ୍ୱାରା ମାଗଣା ମେହେନ୍ଦି ଡିଜାଇନ୍, ପୋଡ଼ ପିଠା ଓ ରଜ ପାନ ଭଳି ପାରମ୍ପରିକ ରଜ ସ୍ୱାଦିଷ୍ଟ ଖାଦ୍ୟ ଏବଂ ବିଶେଷ ଭାବରେ ପ୍ରସ୍ତୁତ ରଜ ଆଧାରିତ ସଜାସଜାକୁ ଉପଭୋଗ କରିଥିଲେ ଯାହା ଏକ ଆମୋଦଦାୟକ ପାର୍ବଣ ଅନୁଭୂତି ସୃଷ୍ଟି କରିଥିଲା। ଏହି ଅବସରରେ ବକ୍ତବ୍ୟ ରଖି ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି ଯେ, ରଜ କେବଳ ଏକ ଉତ୍ସବ ନୁହେଁ; ଏହା ମା' ଧରିତ୍ରୀର ଉର୍ବରତାର ଏକ ଉତ୍ସବ ଏବଂ ନାରୀତ୍ୱର ଶକ୍ତି, ଗରିମା ଓ ଭାବନା ପ୍ରତି ଏକ ସମ୍ମାନ। ଖିମଜୀ ଜୁଏଲର୍ସରେ ଆମେ ସଦାସର୍ବଦା ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ ଓ ପ୍ରସାର କରିବାରେ ବିଶ୍ୱାସ କରିଆସିଛୁ। ଏହି ଉତ୍ସବଗୁଡ଼ିକ ମାଧ୍ୟମରେ ଆମର ପ୍ରୟାସ ଥିଲା ପରିବାରଗୁଡ଼ିକୁ ଏକାଠି ଆଣିବା ଏବଂ ଓଡ଼ିଶାର ମହିଳାମାନଙ୍କ ପାଇଁ ଆନନ୍ଦଦାୟକ, ସ୍ମରଣୀୟ ଅନୁଭୂତି ସୃଷ୍ଟି କରିବା। ଆମେ ପାଇଥିବା ବିପୁଳ ଭଲପାଇବା ଓ ପ୍ରଶଂସା ଆମକୁ ଆଗାମୀ ପିଢ଼ି ପାଇଁ ଏହି ସୁନ୍ଦର ପରମ୍ପରାଗୁଡ଼ିକୁ ଆଗକୁ ବଢ଼ାଇବାକୁ ଅନୁପ୍ରାଣିତ କରିଛି।

# ମାଲାବାରର ନାଚୁରାଲ୍ ଡାଇମଣ୍ଡ ଅଳଙ୍କାର କଲେକ୍ସନ 'ନୂଆ' ଉନ୍ମୋଚିତ

ଭୁବନେଶ୍ୱର,୧୬।୬(ସମିସ): ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ଏକ ନାଚୁରାଲ ଡାଇମଣ୍ଡ (ପ୍ରାକୃତିକ ହୀରା) ଅଳଙ୍କାର କଲେକ୍ସନ 'ନୂଆ' ଉନ୍ମୋଚନ କରାଯାଇଛି। ଯାହା ହେଉଛି ପ୍ରକୃତିର ସୂକ୍ଷ୍ମ ରୂପରେଖ, ଭାବ ଓ ବିବରଣୀରୁ ଅନୁପ୍ରାଣିତ ଏକ ନାଚୁରାଲ ଡାଇମଣ୍ଡ ଅଳଙ୍କାର କଲେକ୍ସନ। ଷ୍ଟ୍ରାଇପ୍‌ର ରିଦିମ ଓ ମହୁଫେଣାର ଆକର୍ଷଣୀୟ ଲୟରୁ ଆରମ୍ଭ କରି ପୃଥିବୀ ନିଜେ ଗଢ଼ିଥିବା ତରଳ ଆକୃତି ଏବଂ ସ୍ୱାଭାବିକ ନମୁନା ପର୍ଯ୍ୟନ୍ତ, ଏହି ସଂଗ୍ରହ ପ୍ରକୃତିର ଅଦ୍ଭୁତ ସୌନ୍ଦର୍ଯ୍ୟକୁ ଆଧୁନିକ ବିଳାସିତାର ଭାଷାରେ ଅଭିବ୍ୟକ୍ତ କରେ। ବିଶ୍ୱସ୍ତରୀୟ ସମୃଦ୍ଧତା ସହ ୧୮ କ୍ୟାରେଟ୍ ଓ ୧୪ କ୍ୟାରେଟ୍ ସୁନାରେ ପ୍ରସ୍ତୁତ ନୂଆ ସଂଗ୍ରହରେ ପ୍ରାକୃତିକ ହୀରାକୁ ରଙ୍ଗିନ ରତ୍ନପଥର, ସେରାମିକ୍ ରଙ୍ଗ ଏନାମେଲିଂ ଏବଂ ବିବିଧ ରୋଡିଅମ୍ ଫିନିଶ୍ ଦ୍ୱାରା ଆହୁରି ଆକର୍ଷଣୀୟ କରାଯାଇଛି। ପ୍ରତ୍ୟେକ ଡିଜାଇନ୍ ପ୍ରକୃତିର ନମୁନା ଓ ଆକୃତିର ଖେଳକୁ ସୂକ୍ଷ୍ମ କାରୁକାର୍ଯ୍ୟ, ପ୍ରବାହମୟ ରୂପ ଏବଂ ଏକ ସ୍ୱଷ୍ଟ ଆଧୁନିକ ସୌନ୍ଦର୍ଯ୍ୟବୋଧ ମାଧ୍ୟମରେ ଅନୁବାଦ କରିଛି। ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ସଦ୍ୟତମ ଏଡିସନ୍ ନୂଆ ନାଚୁରାଲ ଡାଇମଣ୍ଡସ ଜରିଆରେ ଆଧୁନିକ ବିଳାସକୁ ପାଳନ କରୁଛି ଯାହା ପ୍ରକୃତିର ସୁନ୍ଦର ସୃଷ୍ଟି ଓ ବିଶ୍ୱସ୍ତରୀୟ ଡିଜାଇନ ପ୍ରଭାବରୁ ପ୍ରେରିତ। ଏହି ସଂଗ୍ରହର ଏକ ଅଂଶ ଭାବେ, ପ୍ରସିଦ୍ଧ ଅଭିନେତ୍ରୀ କରୀନା କପୁର ଖାନ୍ ନୂଆର ଚେହେରା ହୋଇଛନ୍ତି। ଏହି କଲେକ୍‌ସନ୍‌ର ଉନ୍ମୋଚନ ଅବସରରେ ମତ ପ୍ରକାଶ କରି ମାଲାବାର ଗ୍ରୁପ୍‌ର ଅଧକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି ଯେ, ଏହି ସଂଗ୍ରହର କେନ୍ଦ୍ରରେ ରହିଛି ରୂପରେଖର ପ୍ରଶଂସା ଯାହା ଆମ ଚାରି ପାଖରେ ଦୁନିଆରେ ଥିବା ସୂକ୍ଷ୍ମ ରୂପରେଖ, ଗଠନଶୈଳୀ ଓ ବିବରଣୀରେ ରହିଛି।



# ଭାରତ ଡିଜିଟାଲ୍ ଠକେଇର ହବ୍

## ଜାଲିଆତି ହାର ବିଶ୍ୱ ତୁଳନାରେ ଦୁଇଗୁଣ ଅଧିକ



## ଆପ୍ ଲଗ୍ ଇନ୍ କରିବା ମାତ୍ରେ କଟିଯାଉଛି ଟଙ୍କା।
## ଲଜିଷ୍ଟିକ୍ସ, ଟେଲିକମ୍, ବୀମା କ୍ଷେତ୍ର ସବୁଠୁ ଅଧିକ ପ୍ରଭାବିତ

ନୂଆଦିଲ୍ଲୀ,୧୬।୬(ଏଜେନ୍ସି): ଭାରତରେ ଡିଜିଟାଲ୍ ଠକେଇ (ଅନଲାଇନ୍ ଠକେଇ)ର ପଦ୍ଧତି ଏବଂ ପରିସର ଉଭୟ ଦ୍ରୁତ ଗତିରେ ବଦଳିବାରେ ଲାଗିଛି। ଯଦିବା ଠକେଇ ଚିହ୍ନଟ ବ୍ୟବସ୍ଥାରେ କେତେକାଂଶରେ ଉନ୍ନତି ଘଟିଛି, ତଥାପି ଠକମାନେ ଅଧିକ ଧୂର୍ତ୍ତ ହୋଇଯାଇଛନ୍ତି। ଟ୍ରାନ୍ସୟୁନିଅନର ଏକ ନୂତନ ରିପୋର୍ଟ ଅନୁଯାୟୀ, ଭାରତରେ ହୋଇଥିବା ମୋଟ ଡିଜିଟାଲ କାରବାର ମଧ୍ୟରୁ ୬.୧ ପ୍ରତିଶତ ସନ୍ଦିଗ୍ଧ ଠକେଇ ବୋଲି ଜଣାପଡିଛି, ଯାହା ବିଶ୍ୱ ହାର (୩.୮ ପ୍ରତିଶତ) ତୁଳନାରେ ପ୍ରାୟ ଦୁଇଗୁଣ। ଠକମାନେ ଏବେ ଲୋକଙ୍କ ପରିଚୟଚୋରି କରିବା ପାଇଁ ଉଚ୍ଚ-ପ୍ରଯୁକ୍ତି ପଦ୍ଧତି ବ୍ୟବହାର କରୁଛନ୍ତି (ପରିଚୟ ଠକେଇ)। ବିଶ୍ୱବ୍ୟାପୀ, ଆକାଉଣ୍ଟ ଲଗ୍‌ଇନ୍ ସମୟରେ ସର୍ବାଧିକ ସଂଖ୍ୟକ ଠକେଇ (୮.୩%) ହୋଇଥାଏ। ହେଲେ ଭାରତରେ ଏହି କାହାଣୀ ଟିକିଏ ଭିନ୍ନ। ଭାରତରେ ଆକାଉଣ୍ଟ ଲଗ୍‌ଇନ୍ (ସମୟରେ ଠକେଇର ଆଶଙ୍କା ସର୍ବାଧିକ (୩.୯ ପ୍ରତିଶତ) ରହିଛି। ଏହା ପଛକୁ ଆକାଉଣ୍ଟ ଖୋଲିବା ସମୟରେ ୩.୧ ପ୍ରତିଶତ ଏବଂ ଆର୍ଥିକ କାରବାର ସମୟରେ ୧.୨ ପ୍ରତିଶତ ଠକେଇ ଆଶଙ୍କା ରହିଛି। ଏହାର ଅର୍ଥ ହେଉଛି ଚୋରମାନେ ବର୍ତ୍ତମାନ ସିଧାସଳଖ ବିଦ୍ୟମାନ ଏବଂ ପ୍ରକୃତ ଆକାଉଣ୍ଟରେ ଏଣ୍ଟ୍ରି କରିବାକୁ ଚେଷ୍ଟା କରୁଛନ୍ତି।

ଠକମାନେ ସେହି କ୍ଷେତ୍ରଗୁଡ଼ିକୁ ବର୍ଦ୍ଧିତ ଭାବରେ ଟାର୍ଗେଟ କରୁଛନ୍ତି ଯେଉଁଠାରେ ପ୍ରତିଦିନ ଅଧିକ ପରିମାଣର ଡିଜିଟାଲ୍ କାରବାର ହୋଇଥାଏ। ଏହି ତିନୋଟି କ୍ଷେତ୍ରରେ ଭାରତରେ ସନ୍ଦିଗ୍ଧ ଠକେଇର ସର୍ବାଧିକ ହାର ଦେଖିବାକୁ ମିଳିଥିଲା। ସେଗୁଡିକ ହେଉଛି, ଲଜିଷ୍ଟିକ୍ସ (କେରିୟର/ଯୋଗାଣ ଶୃଙ୍ଖଳା): ୧୬.୩%, ଟେଲିକମ୍ (ମୋବାଇଲ/ଇଣ୍ଟରନେଟ୍): ୧୪.୭% ଏବଂ ବୀମା: ୧୧.୫% ।ଟ୍ରା ନ୍ସୟୁନିଅନ୍ ଇଣ୍ଡିଆର ଠକେଇ ସମାଧାନ ମୁଖ୍ୟ ଅନୁରାଗ ଆନନ୍ଦ କହିଛନ୍ତି, ଠକେଇମାନେ ଆରମ୍ଭରୁ ଚାଲ ଖେଳନ୍ତି। ସେମାନେ ଆକାଉଣ୍ଟ ସୃଷ୍ଟି ଏବଂ ଲଗ୍‌ଇନ୍ ପର୍ଯ୍ୟାୟରେ ଦୁର୍ବଳତାକୁ ପରଖିଥାନ୍ତି ଏବଂ କିଛି ବଡ଼ କ୍ଷତି ନ କରିବା ପର୍ଯ୍ୟନ୍ତ ସେମାନଙ୍କର ପରିଚୟ ଲୁଚାଇ ରଖନ୍ତି। ଟ୍ରାନ୍ସୟୁନିଅନ୍ ଇଣ୍ଡିଆର ଡାଟା ଆନାଲିଟିକ୍ସ ସଲ୍ୟୁସନ୍ସ ମୁଖ୍ୟ ନଟରାଜନ୍ ରମାନି କହିଛନ୍ତି, ଠକମାନେ ଏବେ ଲୋକଙ୍କ ବିଶ୍ୱାସ ଏବଂ ନୂତନ ପ୍ରଯୁକ୍ତିବିଦ୍ୟାର ଶୋଷଣ କରୁଛନ୍ତି। ଠକେଇର ପରିମାଣ ଏବଂ ପଦ୍ଧତି ଏତେ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି ଯେ ପୁରୁଣା ସୁରକ୍ଷା ପଦ୍ଧତିଗୁଡ଼ିକ ଆଉ ପ୍ରଭାବଶାଳୀ ନୁହେଁ। ଠକଙ୍କଠାରୁ ଗୋଟିଏ ପାଦ ଆଗରେ ରହିବା ପାଇଁ କମ୍ପାନୀଗୁଡ଼ିକୁ ନିରନ୍ତର ସେମାନଙ୍କର ପ୍ରଯୁକ୍ତିବିଦ୍ୟାକୁ ଅପଗ୍ରେଡ୍ କରିବାକୁ ପଡିବ। ଏହି ତଥ୍ୟରୁ ସ୍ପଷ୍ଟ ହେଉଛି ଯେ, ଅପରାଧୀମାନେ ବର୍ତ୍ତମାନର ଆକାଉଣ୍ଟଗୁଡିକୁ ନିୟନ୍ତ୍ରଣ କରିବା ପାଇଁ ହ୍ୟାକ୍ ହୋଇଥିବା କ୍ରେଡେନସିଆଲ୍ସର ବ୍ୟବହାର ବଢ଼ାଉଛନ୍ତି।

